# କୁଶାଳୀ

**THE KUSHALI - 2023**




କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍‌ନୋଲୋଜି

କିଟ୍-ଶିଳ୍ପ ତାଲିମ ଅନୁଷ୍ଠାନ, କ୍ୟାମ୍ପସ୍-୧୪, ଭୁବନେଶ୍ୱର-୭୫୧୦୨୪

For the contribution to Sports and Encouraging Sports personnel,
**KIIT** has received **Rashtriya Khel Protsahan Puraskar 2022** by Government of India



- **KIIT IS PRIDE OF OUR NATION**
- **KISS IS HEAVEN FOR TRIBAL COMMUNITIES**
- **KIMS IS TOUCH HEALING TO ALL**
- **WE ALL KIITIANS ARE VERY MUCH THANKFUL TO GOD TO BE A PART OF KIIT**

***Sd-Editorial Board***




**Dr. Achyuta Samanta** has received **50th Honorary Doctorate Degree**, that too from his own alma mater, Utkal University, highest number for any Indian

ଅତ୍ୟାଧୁନିକ ଓଡ଼ିଶାରେ ଯେଉଁ ମହାମାନବ ଶିକ୍ଷାର ଗୁଣାତ୍ମକ ପ୍ରସାର କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି ତଥା ସମାଜର ଦଳିତ, ନିଷ୍କେସିତ, ଅବହେଳିତ, ଅନୁନ୍ନତ ଓ ଉପେକ୍ଷିତ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କର ଭବିଷ୍ୟତ ଓ ସର୍ବାଙ୍ଗୀଣ ଉନ୍ନତି ପାଇଁ ଯେଉଁ ଉତ୍ସର୍ଗୀକୃତ ମହାପୁରୁଷ ନିଜ ଆଖିରୁ ନିଦ ହଜେଇ ଦେଇଛନ୍ତି। ସେ ଅନ୍ୟ କେହି ନୁହଁନ୍ତି- ଆମ ସମସ୍ତଙ୍କର ପ୍ରିୟ କିଟ୍ ଓ କିସ୍‌ର ପ୍ରାଣ ପ୍ରତିଷ୍ଠାତା, ହିତାକାଙ୍‌କ୍ଷୀ ଦିଗ୍‌ଦର୍ଶକ ତଥା ଏକ ସରଳ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଡଃ ଅଚ୍ୟୁତ ସାମନ୍ତ ମହୋଦୟଙ୍କ ଅବିରତ ପରିଶ୍ରମ ଓ ନିସ୍ୱାର୍ଥପର ପ୍ରଚେଷ୍ଟା ଯୋଗୁଁ କିଟ୍ ଶିଳ୍ପ ତାଲିମ୍ ଅନୁଷ୍ଠାନ ସାରା ଦେଶରେ ଏକ ଅଗ୍ରଣି ଓ ଗୁଣାତ୍ମକ ବୈଷୟିକ ଅନୁଷ୍ଠାନ ରୂପେ ପରିଚିତ ହୋଇ ପାରିଥିବାରୁ ତାଙ୍କର କରକମଳରେ ୩୧ତମ ବାର୍ଷିକ ଉତ୍ସବ 'କୃତିତ୍ୱ-୨୦୨୩' ପାଳନ ଅବସରରେ ବାର୍ଷିକ ସଙ୍କଳନ 'କୁଶଳୀ' ସମର୍ପିତ କରୁଅଛୁ।

**ଡ. ଶରତ ଚନ୍ଦ୍ର ସ୍ୱାଇଁ**
ଅଧକ୍ଷ, ଶିଳ୍ପ ତାଲିମ୍ ଅନୁଷ୍ଠାନ, କିଟ୍
ଭୁବନେଶ୍ୱର



# ଡ.ଅଚ୍ୟୁତ ସାମନ୍ତଙ୍କୁ ୫୦ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,୨୩ ।୧୨: ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡି.ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ଼ା, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ କୁଳପତି ପ୍ରଫେସର



ସବିତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୦ତମ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ। ଏହି ଅବସରରେ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀ ସାମନ୍ତଙ୍କୁ ସମାବର୍ତ୍ତନ ଉତ୍ସବର 'ଅଗ୍ରଣୀ କିମ୍ବଦନ୍ତୀ' ଭାବେ ଅଭିହିତ କରିବା ସହ ଶ୍ରୀ ସାମନ୍ତ ଜଣେ ଅତି ସାଧାରଣ, ନମ୍ର, କୃତଜ୍ଞ, ସାହସୀ, ଦୃଢ଼, ଉଦାର, ସମଭାବ ସମ୍ପନ୍ନ, ଶାନ୍ତିର ପ୍ରଚାରକ ବୋଲି କହିଥିଲେ। ଶ୍ରୀ ସାମନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁ ବିଶ୍ୱବିଦ୍ୟାଳୟର ସେ ଦିନେ ଛାତ୍ର ଥିଲେ ସେହି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ସେ ନିଜକୁ ଧନ୍ୟ ମନେକରୁଛନ୍ତି। ଏହା କୌଣସି ବ୍ୟକ୍ତିର ଭାଗ୍ୟରେ ଥିଲେ ହିଁ ସମ୍ଭବ ହୋଇଥାଏ। ଏହି ସମ୍ମାନସୂଚକ ଡକ୍ଟରେଟ୍‌କୁ ସେ ତାଙ୍କ ମାଆଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ନିକଟରେ ଶ୍ରୀ ସାମନ୍ତଙ୍କୁ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା ବେଳେ ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

# Kushali

**Annual Function "KRUTITWA" 2023**
**Industrial Training Institute, KIIT, Bhubaneswar**




## CHIEF PATRON

Prof.(Dr.) Achyuta Samanta
Founder, KIIT & KISS

## PATRONS

Mr. R.N Dash, Secretary, KIIT & KISS
Mrs. S. Samanta, Vice Chancellor, KIIT
Mr. D.N Dwivedi, Vice President, KIIT

## ADVISORY BOARD

Dr. Sarat Chandra Swain, Principal
Mr. Satya Sundar Das, Deputy Director
Mr. Gyana Goutam Jena, Executive Assistant
Mr. SK. Shamiullah, T.O.
Mrs. Soubhagyalaxmi Mohapatra, T.O.
Mr. Satyananda Moharana, Trade In-Charge
Mr. Satyendra Mishra, T.O.
Mr. Giridhari Muduli, T.O.

## SPECIAL THANKS TO

Mr. Purnendu Kumar Mohapatra
Mr. Bhagirathi Panda
Mr. Bimbadhar Sahoo
Mr. Sugyan Nayak
Mr. Niranjan Mishra
Mr. Krushna Chandra Patra
Mr. Ashtosh Sarangi
Mrs. Susrita Rath
Mr. Amiya Kumar Rout
Mr. Harekrushna Paikaray
Mr. Saroj Kumar Jena

## EDITORIAL BOARD

Mr. Mohan Lal Byasa, Editor-in-chief
Mr. Hrusikesh Nayak
Mr. Sandeep Nanda
Mr. Ranjit Prasad Jena
Mrs. Bandana Bahel
Mrs. Pratima Rout
Mr. Rashmi Ranjan Mallick

## STUDENT EDITOR

Alisha Dadel, 1st year, ETC Mechanic
Gourahari Bag, 1st year, Fitter
Biswanath Behera, 2nd year, Electrician



Date: 6th February 2023

# MESSAGE

It gives me immense pleasure to learn that, the KIIT-ITI is scheduled to publish its Annual Magazine, KUSHALI during its Annual Day Function titled KRUTITWA-2023.

As you are aware KIIT DU is one of the best student-friendly campus which has set a new benchmark in the world of academics, research and community development. KIIT-ITI since its inception in 1992 is the founding institution of KIIT-DU & has uniquely positioned itself focussing on skill training & has registered exponential growth from 12 students to 900 at present. It has upgraded itself with cutting edge technology & immersed with Industry Interface. Moreover it provides an enabling environment for learning and experience on skills development, innovative thinking, soft skills and leadership skills which would accelerate our efforts to realise the vision of a Skilled India. The campus has earned a niche place in providing a congenial environment for developing problem solving skills and motivating the students to handle the day to day problems confronting the society & nation. I am sure the event will go a long away in echoing the spirit of innovation and help spreading specialised knowledge with advance skill sets to face real world situations with greater confidence.

I congratulate all the Faculties, staff and students for their sincere efforts, dedication and commitment for publishing the magazine KUSHALI during the celebration of Silver Jubilee. I congratulate all the stake holders on this solemn occasion. I am sure the creative thoughts and expressions, stories and other valuable contents by the contributors will surely enhance the glory of Kushali 2023.

My Best wishes.

**(Achyuta Samanta)**
Founder, KIIT & KISS

# Kalinga Institute of Industrial Technology (KIIT)

**Deemed to be University**
(Established U/S 3 of UGC Act, 1956)
Bhubaneswar, Odisha, India



**R. N. Dash**
Secretary, KIIT & KISS

Date: 06.02.2023

## MESSAGE

I am delighted to learn that KIIT-ITI is bringing out "KUSHALI" the Institute Magazine on the auspicious occasion of the Annual Function KRUTITWA-2023.

I am sure "KUSHALI"will show-case the quality literacy creations of its staff and KIITIANS of KIIT ITI.

I convey my heartfelt best wishes to the students and staff of your esteemed institute for the grand success of the Annual Function and "KRUTITWA"and the "KUSHALI" magazine.

Yours sincerely

(R.N. Dash)



Bhubaneswar-751024, Odisha, India
Phone: +91-674-2741389, 2725113, 8114382202, 2742103, Fax: +91-674-2741465, E-mail: kiit@kiit.ac.in, Website: www.kiit.ac.in

## Kalinga Institute of Industrial Technology (KIIT)

**Deemed to be University**
(Established U/S 3 of UGC Act, 1956)
Bhubaneswar, Odisha, India





**Dr. S. Samanta**
Vice Chancellor


Date: 06.02.2023

# MESSAGE

It gives me immense pleasure to learn that KIIT-ITI is bringing out the student's magazine 'KUSHALI' on the eve of its Annual Day Function 'KRUTITWA-2023'.

The magazine is a true creation and representation of and by the students. It is a rare opportunity to not only exhibit but also share their experience and enhance their talent amongst their contemporaries and faculty members. I am sure that the magazine will not only boost the morale amongst the younger generation of students towards creativity but will also reflect the high cultural and aesthetic values.

I sincerely appreciate and congratulate the editorial team for their hard work and unrelenting efforts. May all our students soar high in uncharted skies and bring glory to the world and their profession with the wings of education!

Vice Chancellor

**Kalinga Institute of Industrial Technology (KIIT)**
**Deemed to be University**
(Established U/S 3 of UGC Act, 1956)
Bhubaneswar, Odisha, India



**Prof. J. R. Mohanty**
Registrar

Date: 06.02.2023

# MESSAGE

I am pleased to convey my best wishes to KIIT ITI for releasing its Magazine **'KUSHALI'** on the occasion of 31st Annual Day Function (**KRUTITWA-2023**) as a part of **Silver Jubilee celebration**.

**KIIT -ITI**, the foundation stone of KIIT group of institutions, provides training in three different skill sections started with a mere batch strength of 12 trainees in 1992 and as on today it has crossed the figure 900. The institution is recognized as one of the premier skill training centers in east zone of India providing quality training to the trainees.

To cherish the journey, KIIT ITI has been coming up with the magazine "**KUSHALI**" to be released on the evening of 31st Annual day function "**KRUTITWA-2023**".

Nourishing creativity and inspiring innovation are two of the crucial rudiments of a successful education, and a university magazine is the perfect admixture of both. This will give an ideal platform for students to pen down their thoughts on various themes. We are fortunate to have dedicated and caring faculty members who encourages students to learn more about them and their constantly evolving environment.

To conclude, I place on record my sincere gratitude to the team for their valuable contribution. I also take this opportunity to congratulate the magazine team for their successful publication of the magazine. I wish all the readers a very happy reading

(Dr. Jnyana Ranjan Mohanty)



# From the Principal's Desk

KIIT-ITI, a leading skill training institute of Odisha under the KIIT group of institutions is continuously producing the professionally skilled technicians towards nation building ever since 1992. During its glorious journey of 28 years, it has produced around 5000 skilled technicians in different trades now working in different industries of national and international repute. This is affiliated to the National Council for Vocational Training (NCVT) and accredited by Quality Council of India (QCI) for its excellence in the academics. The reputed industries like Rourkela Steel Plant (RSP), MCL, NALCO, HINDALCO, etc. prefer to train their unskilled workers at this institute looking at its industry standard education system. This institute provides not only the skill programmes as per industry standards but also provides a platform to the students for their all around personality development which make them prominent in their class.

I am really happy and proud to see that, on the occasion of its 31st Annual Function "KRUTITWA" 2023. My dear students and staff members of this Institute are showcasing their literature creativity through the annual magazine "KUSHALI" in different segments besides their technical skill.

I congratulate the members of editorial board consisting of the student editors and teachers, who are involved in bringing out this issue of the magazine "KUSHALI" and wish them all the success in their future endeavours.

With Regards

**Dr. Sarat Chandra Swain**
Principal, KIIT-ITI, Bhubaneswar




# EDITORIAL

It gives us immense joy and satisfaction to finally re-introduce our very own magazine "KUSHALI". Just like the gods and the asuras churned the ocean of milk to extract the nectar, we have tried to churn out creativity from this mess of science. A lot of effort has gone into the making of this issue. We hope you enjoy reading the magazine. The best thing about this issue is that it represents the creative side of KIIT ITI staffs & students to a fair degree-something that we think we all need to reconnect with. Amidst the busy schedule of classes and exams, surprise quizzes and all those assignments and problem sheets that make you want to bang your head on the wall, we tend to lose track of all the other simpler things that we are capable of, things that we could have been proud of, that can bring one satisfaction. So this time we have made an attempt to bring out the talent concealed within our student community. This issue includes articles, poems, anecdotes, art-works, a host of other things and also a parody. We hope you enjoy reading this issue as much as we have enjoyed making it.



Any suggestions or criticism on the magazine would be most welcome. Thank you!

Mohanlal Byasa

**(Mohanlal Byasa)**

Asst. Training Officer, KIIT ITI, Campus-14, Bhubaneswar-751024, Tel: 9776608371, E-mail: mohanlal.byasa@kiit.ac.in


ବର୍ଣ୍ଣନା
କଳ୍ପନା
ପଢ଼ିବା ନୁହଁଇ ମନା...

# Artistic





COVID
19





ODISHA
HOCKEY
MEN'S WORLDCUP
BHUBANESWAR
2023















FI H ODISHA
HOCKEY





SAVE WATER
TOMORROW
IT MAY SAVE YOU
MAKE EVERY COUNT
SAVE YOUR LIFE
ADROP OF WATER IS WORTH MORE THAN A SACK OF GOLD TO A THIRSTY MAN

# ସୂଚୀପତ୍ର


| କ୍ରମାଙ୍କ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ଥ୍ୟାଙ୍କ୍ ୟୁ ଭଗବାନ୍... ! | ମୋହନ ଲାଲ୍ ବ୍ୟାସ | ୧ |
| ୨. | କିଟ୍ ଅଛି ଯାହାର, କି ଆନନ୍ଦ ତାହାର... | ହୃଷିକେଶ ନାୟକ | ୨ |
| ୩. | ବାକ୍ ଚାତୁରୀ-୨ | ବିଦ୍ୟାଧର ସାହୁ | ୩ |
| ୪. | ମାଘ ମାହାତ୍ମ୍ୟ | ରୂପେଶ ଚନ୍ଦ୍ର ପଣ୍ଡା | ୫ |
| ୫. | ସଂଘର୍ଷମୟ ଜୀବନ | ବିଶ୍ୱନାଥ ବେହେରା | ୬ |
| ୬. | ସିଂହ ଓ ମୂଷା କଥା | ଲବ ସିଂ | ୮ |
| ୭. | ଚାରି ସାଙ୍ଗଙ୍କ କଥା | ଅବିନାଶ ପ୍ରଧାନ | ୯ |
| ୮. | ଆମ ଦେଶ | ସୁବ୍ରତ ବାନରା | ୧୦ |
| ୯. | ପିମ୍ପୁଡ଼ି ଏବଂ ଝିଣ୍ଟିକା | କାଲେବ କୁନ୍ଦେଲ୍‌କାଲ | ୧୦ |
| ୧୦. | ନାରୀ ସୁରକ୍ଷା | ଦେବଦତ୍ତ ଦେଓ | ୧୧ |
| ୧୧. | ଗଛ | ଶ୍ରୀକାନ୍ତ ମୁଣ୍ଡା | ୧୧ |
| ୧୨. | ଉପକାରୀ ବାଳକ | ଦେବଦତ୍ତ ବିଶ୍ୱାଳ | ୧୨ |
| ୧୩. | ଓଡ଼ିଆ ଜୋକ୍ | ଦେବଦତ୍ତ ବିଶ୍ୱାଳ | ୧୨ |
| ୧୪. | ମୋ ମା’ | ପ୍ରମୋଦ ବିଶ୍ୱାଳ | ୧୩ |
| ୧୫. | ବୁଦ୍ଧି ଥିଲେ ଉପାୟ ମିଳେ | ସ୍ୱର୍ଣ୍ଣଚମ୍ପା ମାଝି | ୧୪ |
| ୧୬. | କାହାକୁ କିଛି ଦେଇଛ ? | ଦୀପକ ବେହେରା | ୧୫ |
| ୧୭. | ମୋର ଆଇ.ଟି.ଆଇ ନେବାର କାରଣ... | ସୁନିତା ସିଂ | ୧୬ |
| ୧୮. | ମା’ | ବିଶ୍ୱନାଥ ବେହେରା | ୧୭ |
| ୧୯. | ଜୟ ମା’ ଚର୍ଚ୍ଚିକା | ସୁମନ ମହାପାତ୍ର | ୧୭ |
| ୨୦. | ନିଆରା ପ୍ରେମ କାହାଣୀ | ଗୋଲେଖ ବାରିକ | ୧୮ |
| ୨୧. | ବାପା ଏବଂ ଝିଅର କାହାଣୀ | ରାକେଶ ମୁଦୁଲି | ୧୯ |
| ୨୨. | ଭାଇ-ଭଉଣୀ ସମ୍ପର୍କ | ଦିବ୍ୟରଞ୍ଜନ ବାରିକ | ୨୦ |
| ୨୩. | ତଲୱାର ଏବଂ ଢାଲ | ମୀନକେତନ ଦଳେଇ | ୨୦ |
| ୨୪. | ମୋ’ ବୋଉ | ଜୟ ଝୋଡ଼ିଆ | ୨୧ |
| ୨୫. | ଏମିତି ଋଣ ଶୁଝେନା | ସୌଭାଗ୍ୟ ନାହକ | ୨୧ |
| ୨୬. | ହସ କଥା | ସୁରେ ହୋ | ୨୨ |
| ୨୭. | ସାଧାରଣ ଜ୍ଞାନ | ଅଜୟ ବେହେରା | ୨୨ |
| ୨୮. | ବୃକ୍ଷ ହିଁ ଜୀବନ | ମୋହନ ଲାଲ୍ ବ୍ୟାସ | ୨୩ |
| ୨୯. | ଡଃ. ସାମନ୍ତ | ପପୁ ମୁଣ୍ଡା | ୨୪ |
| ୩୦. | ଫୁଲରେ ଫୁଲରେ | ପ୍ରତିମା ରାଉତ | ୨୪ |
| ୩୧. | ରକ୍ଷା ବନ୍ଧନ | ରୂପେଶ ଚନ୍ଦ୍ର ପଣ୍ଡା | ୨୫ |
| ୩୨. | ହରି ଭରସା | ସୁଶାନ୍ତ କୁମାର ସ୍ୱାଇଁ | ୨୫ |
| ୩୩. | ମା’ | ଚିନ୍ମୟ ନନ୍ଦି | ୨୬ |
| ୩୪. | ମୋ ମାଆ | ଅସିମ କୁମାର ସାହୁ | ୨୭ |
| ୩୫. | ଆମ KIIT – KISS | ଶ୍ରାବଣୀ ପାଢ଼ୀ | ୨୭ |
| ୩୬. | ଆଖିଟେ ଏମିତି | ପପୁ ମୁଣ୍ଡା | ୨୮ |
| ୩୭. | ବୋଉ ଆଉ ବାପା | ଆୟୁଷ୍ କୁମାର ମହାନ୍ତି | ୨୮ |
| ୩୮. | ଶିକ୍ଷା | ଜଗଦିଶ୍ ନାୟକ | ୨୯ |
| ୩୯. | ମିଛ ସମ୍ପର୍କ | ରାଜ ସାଗର ଟୁଡୁ | ୨୯ |
| ୪୦. | ମମତାମୟୀ ମା’ | ଶିବ ମାଝି | ୩୦ |
| ୪୧. | ମା’ ପରା ସିଏ | ଗୌରି ମଣ୍ଡଳ | ୩୦ |











| କ୍ରମାଙ୍କ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୪୨. | ମା' କବିତା | ରୋହିତ ପ୍ରଧାନ | ୩୦ |
| ୪୩. | ବହି | ଗୁରୁପ୍ରୀତି ସିଂହ | ୩୧ |
| ୪୪. | ପ୍ରିୟ ମୋର ଗାଁ | ଅଲିଶା ଡାଡେଲ୍ | ୩୧ |
| ୪୫. | ଦେଶଭକ୍ତଙ୍କ ବୀର କଥା | ମୃତ୍ୟୁଞ୍ଜୟ ଘଡ଼େଇ | ୩୧ |
| ୪୬. | ମାଟି ମାଆ | ରୂପାଲି ଜାନି | ୩୨ |
| ୪୭. | ଯୀଶୁ କଲେ ପାପ କ୍ଷମା | ହୀରାମଣି ଜାନି | ୩୩ |
| ୪୮. | ମୋ ମାଆ | ଗୌରହରି ବାଗ୍ | ୩୩ |
| ୪୯. | ଆମ କଲେଜ | ତୁଷାରକାନ୍ତ ପ୍ରଧାନ | ୩୪ |
| ୫୦. | ବୋଉ | ବନ୍ଦନା ବାହେଲ୍ | ୩୪ |
| ୫୧. | ଆଜିର ଦୁନିଆ | ଅସୀମ କୁମାର ସାହୁ | ୩୫ |
| ୫୨. | ବିଶ୍ୱାସ | ମାଧବ ଚନ୍ଦ୍ର ବିଶ୍ୱାଳ | ୩୫ |
| ୫୩. | ଜୀବନ ସୂତ୍ର | ପୂର୍ଣ୍ଣିମା ବିଶ୍ୱାଳ | ୩୬ |
| ୫୪. | ପ୍ରଥମ ପ୍ରେମ | ଦେବ ନାରାୟଣ ବାରିକ | ୩୭ |
| ୫୫. | ସେଇ ମୋର ଛୋଟ ଗାଁ | ସୁଚିସ୍ମିତ ଭୋଇ | ୩୭ |
| ୫୬. | ପଖାଳ | ସିଦ୍ଧେଶ୍ୱର ବେହେରା | ୩୮ |
| ୫୭. | ମା' | ଦିଲେଶ୍ୱର ସାହୁ | ୩୮ |
| ୫୮. | ବାପାଙ୍କ ଗାଳି | ଦେବ ନାରାୟଣ ବାରିକ୍ | ୩୮ |
| ୫୯. | କରୋନା କବିତା | ରାଜେଶ ଦାସ | ୩୯ |
| ୬୦. | କରୋନା ମହାମାରୀ | ସତ୍ୟଜିତ୍ ଦାସ | ୩୯ |
| ୬୧. | ସ୍ମୃତି | ଆଦର୍ଶ ବେହେରା | ୪୦ |
| ୬୨. | ଜନନୀ | ଅଙ୍କିତ୍ ଜନ୍ମେଞ୍ଜୟ ଜେନା | ୪୦ |
| ୬୩. | ହାପି ନିୟୁ ଇୟର୍-୨୦୨୩ | ଦିଲ୍ଲୀପ ପୃଷ୍ଟି | ୪୦ |
| ୬୪. | ପ୍ରକୃତି କାନ୍ଦୁଛି | ଅଙ୍କିତ୍ ଜନ୍ମେଞ୍ଜୟ ଜେନା | ୪୧ |
| ୬୫. | କବିତା ହିଁ ଜୀବନ | ବିଶ୍ୱଜିତ୍ ହାଁସ୍‌ଦା | ୪୧ |
| ୬୬. | ବରଷା ସହ ମୁଁ | ଜାଗେଶ୍ୱର ମୁଦୁଲି | ୪୨ |
| ୬୭. | ମାତୃଭୂମିର ବୀରପୁତ୍ର | ତୁଷାରକାନ୍ତ ପ୍ରଧାନ | ୪୨ |
| ୬୮. | ଗରିବର ଦୁଃଖ କାହାଣୀ | ସୁନମ ଜାନି | ୪୩ |
| ୬୯. | ମା' | ରାକେଶ ମୁଦୁଲି | ୪୩ |
| ୭୦. | ପରୀକ୍ଷା ଫଳ | ତୁଷାରକାନ୍ତ ପ୍ରଧାନ | ୪୩ |
| ୭୧. | ତଳ ଆଡୁ ଟପର୍ | ରଶ୍ମିରଞ୍ଜନ ମଲ୍ଲିକ | ୪୪ |
| 72. | FOG COMPUTING: A REVIEW | Sandeep Nanda | 47 |
| 73. | MENTAL HEALTH! | Ranjit Prasad Jena | 49 |
| 74. | INTERNET OF THINGS | Srinibas Das | 50 |
| 75. | WORLD IS A MIRROR | Biswajit Nayak | 52 |
| 76. | A STORY ABOUT WILLIAM | Janaki Munda | 52 |
| 77. | A BOY AND HIS DOG | Avay Singh | 53 |
| 78. | HOCKEY | Arbind Haripal | 54 |
| 79. | THE HARE AND THE LION | Ganesh Munda | 55 |
| 80. | HISTORY OF HOCKEY | Amiya Mandal | 56 |
| 81. | THE MONKEY AND THE CROCODILE | B. Krishna Mala | 57 |
| 82. | ESSAY ON VOLLEYBALL | Satyabrata Sahoo | 58 |
| 83. | EDUCATION | Jalendra Jhodia | 59 |
| 84. | LET'S REMEMBER | Rakesh Muduli | 60 |
| 85. | TENSION | Swarnima Das | 61 |
| 86. | TEACHER | Amiya Mandal | 61 |
















# ଥ୍ୟାଙ୍କ୍ ୟୁ ଭଗବାନ୍ !

**ମୋହନ ଲାଲ୍ ବ୍ୟାସ**
ଏ.ଟି.ଓ-ଫିଟର
(ମୁଖ୍ୟ ସମ୍ପାଦକ-କୁଶଳୀ)

ଜଣେ ବିଶିଷ୍ଟ ଶିଳ୍ପପତି ଦିନେ ନିଜର ମର୍ସଡିଜ୍ କାର୍‌ରେ ନିଜ କମ୍ପାନୀକୁ ଯିବା ବାଟରେ ନିଜ ମୋବାଇଲ୍‌ର ହ୍ୱାଟ୍ସଆପ୍ ଚେକ୍ କରି ଦେଖିଲେ ଯେ, ନିଜର ଜଣେ ସାଙ୍ଗ ତାଙ୍କୁ ଗୋଟେ ଫଟୋଟିଏ ପଠାଇଛି।

ଫଟୋଟିକୁ ଦେଖିଲା ମାତ୍ରେ ନିଜ ଭାଗ୍ୟକୁ ନିନ୍ଦିଲେ ଓ ବହୁତ ମନଦୁଃଖ ମଧ୍ୟ କଲେ।

କାରଣ- ତାଙ୍କ ସାଙ୍ଗ ନୂଆ ହେଲିକ୍ୟାପ୍ଟରଟିଏ କିଣି ସେଥିରେ ବସି ଫଟୋଟିକୁ ଛାଡ଼ିଥାଏ।

ଶିଳ୍ପପତି ଜଣକ ମନକୁ ମନ ଭାବିଲେ, ମୋର ଯଦି ଏମିତିଆ ହେଲିକ୍ୟାପ୍ଟରଟିଏ ଥାଆନ୍ତା, ତେବେ ମୁଁ ମଧ୍ୟ ବହୁତ ଖୁସିରେ ରହିଥାଆନ୍ତି।

କିଛିସମୟ ଭିତରେ ଅଲ୍‌ଟୋ କାର୍‌ଟିଏ ତାଙ୍କ ଗାଡ଼ି ପାଖରେ ଠିଆ ହେଲା। ଅଲ୍‌ଟୋ କାର୍‌ରୁ ଜଣେ ଲୋକ ବାହାରି ମର୍ସଡିଜ୍ କାରକୁ ଦେଖିଲାପରେ ନିଜ ଭାଗ୍ୟକୁ ନିନ୍ଦିବା ସହ କାର୍ ମିରର୍‌କୁ ଅନାଇ କହୁଥାଏ, ମୋର ଯଦି ଏମିତିଆ ମର୍ସଡିଜ୍ କାର୍‌ଟିଏ ଥାଆନ୍ତା, ତେବେ ମୁଁ ବହୁତ ଖୁସିରେ ରହିଥାନ୍ତି।

ତା'ର ଏତାଦୃଶ କଥାରେ ଶିଳ୍ପପତି ଜଣଙ୍କ ନିଜ ଭୁଲ ବୁଝି ପାରିଲେ ଓ ଭଗବାନଙ୍କୁ କହିଲେ 'ଥ୍ୟାଙ୍କ୍ ୟୁ ଭଗବାନ'। ଆପଣ ମତେ ଯାହା ବି କିଛି ଦେଇଛନ୍ତି, ମୁଁ ସେଥିରେ ବହୁତ ଭଲରେ ଅଛି ଓ ମୁଁ ପ୍ରକୃତରେ ବହୁତ ଖୁସି।

ତା'ପରେ ଶିଳ୍ପପତି ଜଣଙ୍କ ନିଜ କମ୍ପାନୀକୁ ଚାଲିଗଲେ। ସେହି ରାସ୍ତାରେ ଯାଉଥିବା ଅନ୍ୟଜଣେ ବାଇକ୍ ଆରୋହୀ ଅଲ୍‌ଟୋ କାର୍‌ଟିକୁ ନିରିଖେଇ ଦେଖିଲା ତଥା ନିଜ ଭାଗ୍ୟକୁ ନିନ୍ଦିବା ସହ ନିଜର ଗୋଟିଏ ଅଲ୍‌ଟୋ କାର୍‌ଟିଏ ଥିଲେ, ବହୁତ ଖୁସିରେ ରହିଥାଆନ୍ତା ବୋଲି କହିଲା।

ବାଇକ୍ ଚାଳକର ମନୋଭାବ ଦେଖି ଅଲ୍‌ଟୋ କାର୍ ଚାଳକ ଜଣଙ୍କୁ ନିଜ ଭାବନା ପାଇଁ ନିଜ ଉପରେ ଖରାପ ଲାଗିଲା ଓ ଆକାଶକୁ ଦେଖି କହିଲେ 'ଥ୍ୟାଙ୍କ୍ ୟୁ ଭଗବାନ'। ଆପଣ ଆଜି ମୋ ଆଖି ଖୋଲି ଦେଇଛନ୍ତି। ଆପଣ ମତେ ଯାହା ବି ଦେଇଛନ୍ତି ମୁଁ ସେଥିରେ ବହୁତ ଖୁସି।

ତା'ପରେ ନିଜ ଅଲ୍‌ଟୋ କାର୍‌ରେ ସେ ତାଙ୍କର ଅଫିସ୍‌କୁ ପଳେଇଲେ। ଇତି ମଧ୍ୟରେ ଜଣେ ଲୋକ ସାଇକେଲ୍‌ରେ ଘରକୁ ଫେରୁଥାଆନ୍ତି। ନୂଆ ବାଇକ୍‌ଟିକୁ ଦେଖି ମନଦୁଃଖରେ କହିଲେ, ଭଗବାନଙ୍କ ଦୟାରୁ ମୋର ଗୋଟିଏ ବାଇକ୍‌ଟିଏ ଥାଆନ୍ତା କି ? ମୁଁ ବହୁତ ଆରାମ୍‌ରେ ଯିବା ଆସିବା କରିଥାନ୍ତି। ଆଉ ମତେ କଷ୍ଟକରି ସାଇକେଲ ଚଲେଇବାକୁ ପଡ଼ନ୍ତା ନାହିଁ।

ସାଇକେଲ୍ ଚାଳକର କଥା ଶୁଣି ବାଇକ୍ ଚାଳକ ମଧ୍ୟ ନିଜ ଭୁଲ ବୁଝିପାରିଲା ଓ ଭଗବାନଙ୍କୁ 'ଥ୍ୟାଙ୍କ୍ ୟୁ' କହି ନିଜ ଘରକୁ ପଳେଇଲା।

ଠିକ୍ ସେତିକିବେଳେ ଆଉ ଜଣେ ଲୋକ ସେହିବାଟରେ ଚାଲି ଚାଲି ଯାଉଥାଏ। ବହୁ ବାଟ ଚାଲି ଚାଲି ତାଙ୍କ ଗୋଡ଼ରେ ପ୍ରବଳ ବିନ୍ଧା ହେଉଥାଏ।

ସାଇକେଲ୍ ଚାଳକଟିକୁ ଦେଖି ସେ କହିଲା ହେ ପ୍ରଭୁ ମତେ ଗୋଟେ ସାଇକେଲ୍‌ଟିଏ ଦିଅନ୍ତନି। ଆଉ କେତେ ଦିନ ଏମିତି ମୋ ଗୋଡ଼କୁ କଷ୍ଟ ଦେଇ 'ଏଠୁ ସେଠିକି-ସେଠୁ ଏଠିକି' ଚାଲୁଥିବି।

ଚାଲୁଥିବା ଲୋକଟି କଥା ଶୁଣି ସାଇକେଲ୍ ଚାଳକଟି ଭଗବାନଙ୍କୁ ନିଜ ସାଇକେଲ୍ ପାଇଁ ସେ ବହୁତ ଖୁସି ଥିବା କଥା ଜଣାଇ କହିଲା 'ଥ୍ୟାଙ୍କ୍ ୟୁ ଭଗବାନ' ଓ ସାଇକେଲ୍ ଚଲାଇ ଖୁସି ମନରେ ନିଜ ଦୋକାନକୁ ଚାଲିଗଲା।

ଚାଲି ଚାଲି ଯାଉଥିବା ଲୋକଟି ହାଲିଆ ହୋଇଯାଇଥିବାରୁ ରାସ୍ତାକଡ଼ରେ ଏକ ଗଛ ଛାଇରେ ବିଶ୍ରାମ ନେଲା। କିଛି ସମୟ ମଧ୍ୟରେ ଜଣେ ପଙ୍ଗୁ ଲୋକଟିଏ ସେହି ବାଟରେ ଯାଉଥିବାର ସେ ଦେଖିଲା ଓ ନିଜକୁ ଅତ୍ୟନ୍ତ ଲଜ୍ଜିତ ଅନୁଭବ କଲା। ନିଜ ଚିନ୍ତାଧାରା ପାଇଁ ଭଗବାନ୍‌ଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ନିଜ ସୁସ୍ଥ ସବଳ ଶରୀର ପାଇଁ ଭଗବାନଙ୍କୁ ସେ ନିଜେ ଖୁସିଥିବା ଜଣାଇବା ସହ କହିଲା 'ଥ୍ୟାଙ୍କ୍ ୟୁ ଭଗବାନ୍'।

---

**କବି ଅମୀୟ କୁମାର ରାଉତଙ୍କ ଭାଷାରେ,**

ଅଯଥା ତୁଳନା କର ନାହିଁ କେବେ
କାହାକୁ କାହା ସାଙ୍ଗରେ,
ଯାହା ଦେଇଛନ୍ତି ଜଗତ ଠାକୁର
ଖୁସି ହୁଅ ସେଇଥିରେ ॥

ଜୀବନରେ ଯଦି ଅଧିକ ଚାହୁଁଛ
ତା' ପାଇଁ ପ୍ରୟାସ କର,
ପରିଶ୍ରମ ବିନା ସମ୍ଭବ ନୁହଁଇ
ମନେରଖ ସୁବିଚାର ॥



# କିଟ୍ ଅଛି ଯାହାର, କି ଆନନ୍ଦ ତାହାର...

**ହୃଷିକେଶ ନାୟକ**
ଏ.ଟି.ଓ-ଇଲେକ୍‌ଟ୍ରିସିଆନ୍
(ସମ୍ପାଦକ-କୁଶଳୀ)

**KIIT - Kalinga Institute of Industrial Technology. ୧୯୯୨ ମସିହା, ମାତ୍ର ୫୦୦୦ ଟଙ୍କାରେ ଆରମ୍ଭ ହୋଇଥିଲା KIIT-ITI (Industrial Training Institute).** ୧୨ ଜଣ Trainee ଓ ୨ ଜଣ Trainerଙ୍କୁ ନେଇ ଜୟଦେବ ବିହାର ନିକଟସ୍ଥ ଏକ ଭଡ଼ାଘରେ ଆରମ୍ଭ ହୋଇଥିଲା ଆଜିର ଏହି ମହାନ୍ ତଥା ଶ୍ରେଷ୍ଠ ଅନୁଷ୍ଠାନ, ଯାହାର ପ୍ରତିଷ୍ଠାତା ହେଉଛନ୍ତି ଆମ୍ଭମାନଙ୍କର ପ୍ରିୟ ସାମନ୍ତ ସାର୍ ତଥା ପ୍ରଫେସର (ଡକ୍ଟର) ଅଚ୍ୟୁତ ସାମନ୍ତ ମହୋଦୟ।

**ପିଲାଟି ଦିନରୁ (ମାତ୍ର ୪ ବର୍ଷ ବୟସରେ) ନିଜ ବାପାଙ୍କୁ ହରାଇଥିବା (ଟ୍ରେନ୍ ଦୁର୍ଘଟଣାରେ) ସେଦିନର ସେହି ଅଚ୍ୟୁତ ଆଜିର ଡକ୍ଟର (ପ୍ରଫେସର) ଅଚ୍ୟୁତ ସାମନ୍ତ। କିଏ ଜାଣିଥିଲା ଦିନକୁ ଦୁଇଓଳି ଖାଇବାକୁ ପାଉ ନ ଥିବା ସେହି ପିଲା ଆଜି ସମଗ୍ର ବିଶ୍ୱରେ ମହାନ୍ ତଥା ଶ୍ରେଷ୍ଠ ହେବ ବୋଲି। ସବୁକିଛି ବିଧିର ବିଧାନ...। ଈଶ୍ୱରଙ୍କ ଆଶୀର୍ବାଦରୁ ସବୁକିଛି ସମ୍ଭବ। ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆଜି KIIT-KISS ଭଳି ଦୁଇ ଦୁଇଟି ମହାନ୍ ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସାମନ୍ତ, ଯାହାଙ୍କ ମାଧ୍ୟମରେ ଆଜି ଲକ୍ଷ ଲକ୍ଷ ଲୋକଙ୍କର ପରିବାର ପ୍ରତିପୋଷଣ ହେଉଅଛି। ଧନ୍ୟ! ଧନ୍ୟ ସେ ମହାପୁରୁଷ, ଧନ୍ୟ ତାଙ୍କର ମହାନତା...।**

ମୁଁ ୨୦୦୪-୦୬ ବର୍ଷରେ KIIT-ITI, Electrician tradeରେ ଟ୍ରେନିଙ୍ଗ୍ ନେଉଥାଏ। ୨୦୦୪ ମସିହା ଜୁଲାଇ ମାସରେ ମୋର ନାମ ଲେଖା ହୋଇଥିଲା। ନାମ ଲେଖାଇବାର ୨-୩ ମାସ ଭିତରେ ମୁଁ ଆମର ପ୍ରତିଷ୍ଠାତା ମହୋଦୟଙ୍କ ବିଷୟରେ ବହୁତ କିଛି ଭଲକଥା ଶୁଣିବାକୁ ପାଇଥିଲି। ଏତେସବୁ ଶୁଣିବା ପରେ ମନରେ ବହୁତ ଖୁସି, ଆଗ୍ରହ ଓ ଅନେକ ଇଚ୍ଛା ଯେ; କିପରି ଯେମିତି ହେଉ ସାର୍‌ଙ୍କ ଦେଖା ମିଳିବ। ସାର୍‌ଙ୍କୁ ଦେଖିବାର ଆଶା ଦିନକୁ ଦିନ ଅସହ୍ୟ ହୋଇପଡୁଥିଲା, କିନ୍ତୁ ପାଖରେ ତ କିଛି ବି ଉପାୟ ନ ଥିଲା। ୨୦୦୫ ମସିହା ଏପ୍ରିଲ୍ ମାସରେ ଆମର ଆନୁଆଲ୍ ଫଙ୍କସନ୍ ହେବାକୁ ଥାଏ। ସମସ୍ତଙ୍କଠାରୁ ଶୁଣିବାକୁ ପାଇଲି ଯେ ସାର୍ ହିଁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଖୁସିରେ ମୋ ମନ ନାଚି ଉଠୁଥାଏ। ମନରେ ଆଉ ଧୈର୍ଯ୍ୟ ବି ନ ଥାଏ, କେବଳ ଗୋଟାଏ ଇଚ୍ଛା... ସାର୍ କେତେବେଳେ ଆସିବେ? ବୋଧହୁଏ ସମୟ ପାଖାପାଖି ଦିନ ବାରଟା... ହଠାତ୍ ପଛଆଡୁ ଚାଲି ଚାଲି ଆସି ଷ୍ଟେଜ୍ ଉପରେ ପହଞ୍ଚିଗଲେ ଆମର ପ୍ରତିଷ୍ଠାତା ମହୋଦୟ।

ଅତ୍ୟନ୍ତ ସରଳ ସୁନ୍ଦର, ମଣିଷଟିଏ। ଧୀର ଓ ମଧୁର କଥା। ତାଙ୍କର ଦର୍ଶନ ଓ ତାଙ୍କର ଭାଷଣ ସେଦିନ ଶୁଣିସାରିବା ପରେ, ହଠାତ୍ କେଜାଣି କାହିଁକି ମୋର ଆଖିରେ ଲୁହ ଓ ଛାତିରେ କୋହ ଆସିଯାଇଥିଲା। ତତ୍‌ସଙ୍ଗେ ସଙ୍ଗେ ମନ ଭିତରେ ଗୋଟିଏ କଥା ବାରମ୍ବାର ଜାଗରଣ ହେଉଥାଏ ଏବଂ ନିଜକୁ ନିଜେ ମନକୁ ବୁଝାଉଥାଏ ଯେ, ଭାଗ୍ୟରେ ଥିଲେ ବୋଧହୁଏ ଏହି ଶ୍ରେଷ୍ଠ, ମହାନ୍ ତଥା ମହାପୁରୁଷଙ୍କ ସହ ଦେଖା ହେବାର ସୁଯୋଗ ଆସେ ଏବଂ ପାଖରେ ରହିବାର ସୁଯୋଗ ଆସେ। ସେହିଦିନୁ ମନରେ ଗୋଟାଏ ଇଚ୍ଛା, କିପରି ମୁଁ ସବୁବେଳେ ପାଖରୁ ସାର୍‌ଙ୍କ ଦର୍ଶନ କରିପାରିବି? ବୋଧହୁଏ ସେଦିନର ସଦିଚ୍ଛା ଓ ସତ୍‌ସାହାସ ତଥା ଈଶ୍ୱରଙ୍କ ଦୟାରୁ ମୁଁ ଆଜି ଏତେବଡ଼ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ତଥା ଏହି ମହାନ୍ ମହାପୁରୁଷଙ୍କ ପାଖରେ କାର୍ଯ୍ୟ କରିବାର ସୁଯୋଗ ପାଇଅଛି।

(୨୦୧୦ ମସିହା ଅକ୍ଟୋବର ୪ ତାରିଖ, ସୋମବାର.. କିଟ୍‌ରେ ମୋର କାର୍ଯ୍ୟ ଆରମ୍ଭ)। ଗୋଟିଏ ଅନୁଷ୍ଠାନରୁ ଶିକ୍ଷାଲାଭ କରି, ସେହିଠାରେ ପୁଣି ଶିକ୍ଷାଦାନ କରିବା, ମୋ ପାଇଁ ବଡ଼ ଖୁସିର କଥା। ଭାଗ୍ୟରେ ଥିଲେ, ବୋଧହୁଏ ଏଭଳି ସମ୍ପର୍କର ମିଳନ ଘଟେ। **ମୋ ଅନୁଷ୍ଠାନ, ମୋ ସାର୍-ମାଡାମ୍ ତଥା ଆମର ଅତିପ୍ରିୟ ପ୍ରତିଷ୍ଠାତା ମହୋଦୟଙ୍କ ନିକଟରେ ସଦାସର୍ବଦା ମୁଁ ନତମସ୍ତକ ଓ ଚିରଋଣୀ। ସେଇଥିପାଇଁ ଅତି ଗର୍ବର ସହିତ ମୁଁ କହିବି– "କିଟ୍ ଅଛି ଯାହାର, କି ଆନନ୍ଦ ତାହାର"**

ସେଦିନର ସେହି ଛୋଟିଆ କିଟ୍ ଅନୁଷ୍ଠାନ ଆଜି ଆଉ କିଟ୍ ଭିତରେ ସିମିତ ହୋଇ ରହିନାହିଁ। ଏଠାରେ ଗଢ଼ିଉଠିଛି KIIT ଓ KISS ଭଳି ଦୁଇ ଦୁଇଟି ବିଶ୍ୱବିଦ୍ୟାଳୟ, KIMS-Kalinga Institute of Medical Sciences, ଏପରି ଅନେକ କିଛି... KISS-Kalinga Institute of Social Sciences ଏପରି ଏକ ଅନୁଷ୍ଠାନ ଯେଉଁଠାରେ ୩୫,୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପିଲାମାନେ ସମ୍ପୂର୍ଣ୍ଣ ମାଗଣାରେ ରହିବା ଖାଇବା ସହିତ ଶିକ୍ଷାଲାଭ କରିବାର ସୁଯୋଗ ପାଉଛନ୍ତି। କିସ୍ ଆଜି ସାରା ବିଶ୍ୱରେ ପ୍ରଥମ ଆଦିବାସୀ ବିଶ୍ୱବିଦ୍ୟାଳୟର ହେବାର ଗୌରବ ଅର୍ଜନ କରିପାରିଛି, କେବଳ ଆମର ପ୍ରିୟ ପ୍ରତିଷ୍ଠାତା ମହୋଦୟଙ୍କ ପାଇଁ...। ସେଇଥି ପାଇଁ ସଭିଙ୍କ ମୁହଁରେ ମଧ୍ୟ ସେଇ ଗୋଟିଏ କଥା–

**"କିଟ୍ ଅଛି ଯାହାର, କି ଆନନ୍ଦ ତାହାର"**

❐



'ବାକ୍ ଚାତୁରୀ-୧', କୁଶଳୀର ପୂର୍ବ ସଂସ୍କରଣରେ ପ୍ରକାଶିତ

# ବାକ୍ ଚାତୁରୀ-୨

**ବିଦ୍ୟାଧର ସାହୁ**
(ଏ.ଟି.ଓ-ଫିଟର)

ବାକ୍ ଚାତୁରୀର ଦ୍ୱିତୀୟ ଅଧ୍ୟାୟକୁ ଆପଣମାନଙ୍କୁ ସାଗତ ॥ କଥାରେ ଅଛି- ଖା, ଭୁଞ୍ଜ୍, ଗିଲ୍ ...

ଆମର,

**ଏଇ ପାଟିରେ ଅମୃତ ଅଛି, ପୁଣି ଏଇ ପାଟିରେ ବିଷ**
**କହି ଜାଣିଲେ କଥା ସୁନ୍ଦର, ନହେଲେ ସବୁ ଶେଷ ।**

କେମିତି କଥା କହିବା, କେମିତି ଚତୁରତା ଶିଖିବା, କେମିତି ଦକ୍ଷ ହେବା; ତା'ରି ଉପରେ ପର୍ଯ୍ୟବେସିତ ଆଜିର ଏହି ବିଷୟବସ୍ତୁ।

ଅନେକ ଦିନର କଥା। କେନ୍ଦୁଝର ସେତେବେଳେ ଏକ ଜିଲ୍ଲା ନ ଥିଲା, ଥିଲା ଏକ ସ୍ୱତନ୍ତ୍ର ରାଜ୍ୟ। ରାଜ୍ୟରେ ଥିଲେ ଜଣେ ଶାସକ ଓ ତାଙ୍କର ଅନେକ ପ୍ରଜା। ରାଜା ଥିଲେ ଜଣେ ଦୁରାଚାରୀ। ପ୍ରଜାମାନଙ୍କ କଥା କେବେ ହେଲେ ଭାବନ୍ତି ନାହିଁ। କେବଳ ଅନ୍ୟାୟ ଅତ୍ୟାଚାର କରନ୍ତି। ଏହା ଦେଖି ପ୍ରଜାମାନେ ରାଜାଙ୍କର ଏପରି ବ୍ୟଭିଚାରରେ ଅତିଷ୍ଠ ହୋଇ, ଦିନେ ପ୍ରଜାମେଳିର ଡ଼ାକରା ଦେଲେ। ହାତରେ ଟାଙ୍ଗିଆ, ଧନୁତୀର ଓ ଫାର୍ସା ଆଦି ଧରି ନଅର ଆଡ଼କୁ ମୁହାଁଇଲେ। ଏହା ଦେଖି ରାଜା ଓ ତାଙ୍କର କିଛି ଅନୁଚର ନଅର ଛାଡ଼ି ପଳାଇଲେ, ମାତ୍ର ଧରା ପଡ଼ିଗଲେ ଦେଓ୍ୱାନ। ପ୍ରଥମେ ତ ସେମାନେ ଭାବିଲେ ଦେଓ୍ୱାନଙ୍କୁ ମାରିଦେବା ପାଇଁ, ପରେ ପୁଣି ଭାବିଲେ ସର୍ଦ୍ଦାରଙ୍କ ବିନା ଅନୁମତିରେ ମାରିବା ଉଚିତ୍ ହେବ ନାହିଁ। ତେଣୁ ସେମାନେ ଦେଓ୍ୱାନଙ୍କୁ ବନ୍ଦୀକଲେ ଓ ସର୍ଦ୍ଦାରଙ୍କ ସମ୍ମୁଖରେ ଉପସ୍ଥାପନ କଲେ। ସର୍ଦ୍ଦାର ଦେଓ୍ୱାନଙ୍କୁ କିଛି କହିବା ଆଗରୁ ଦେଓ୍ୱାନ କହିଲେ, ହଜୁର୍ ଆପଣ ତ ଏବେ କେନ୍ଦୁଝର ରାଜ୍ୟର ରାଜା ଓ ମୁଁ ଏକ ସାମାନ୍ୟ ଦେଓ୍ୱାନ୍‌ଟିଏ, ଆଗରୁ ରାଜାଙ୍କ ପାଖରେ ଥିଲି ଆଉ ଏବେ ଆପଣଙ୍କ ସେବାରେ ଆସିବି। ଏ କଥା ସର୍ଦ୍ଦାରଙ୍କ ମନକୁ ପାଇଲା ଓ ସେ ତତକ୍ଷଣାତ୍ ପ୍ରହରୀମାନଙ୍କୁ ଆଦେଶ ଦେଲେ ଦେଓ୍ୱାନଙ୍କୁ ମାର ନାହିଁ, ତାଙ୍କୁ କଡ଼ା ପ୍ରହରୀ ମଧରେ ବନ୍ଦୀକରି ରଖ। ଯେପରି କେହି ତାଙ୍କ ସହ ସମ୍ପର୍କରେ ଆସିପାରିବେ ନାହିଁ ଓ କୌଣସି ଚିଠିର ଯୋଗାଯୋଗ ହେଇପାରିବ ନାହିଁ। ଏହିଭଳି କଡ଼ା ପ୍ରହରା ମଧରେ ବହୁତ ଦିନ ବିତିଯାଇଥାଏ, ଦେଓ୍ୱାନ ବନ୍ଦୀଗୃହରେ ଥାଆନ୍ତି ଓ ସର୍ଦ୍ଦାର ମଧ୍ୟ ରାଜା ହୋଇ ନଥାନ୍ତି। ଇତି ମଧ୍ୟରେ ଅନେକ ସମୟ ବିତିଯାଇଥାଏ, ମେଳିଆମାନେ ପ୍ରତ୍ୟେକ ଦିନ ସର୍ଦ୍ଦାରଙ୍କ ପାଖକୁ ଆସୁଥାଆନ୍ତି, ବହୁତଗୁଡ଼ିଏ କଥା ଆଲୋଚନା କରନ୍ତି, ଯେପରି ସର୍ଦ୍ଦାର କିପରି ରାଜା ହେବେ? ରାଜନଅରକୁ କିପରି ଲୁଣ୍ଠନ କରାଯିବ ଇତ୍ୟାଦି ଇତ୍ୟାଦି? ଏସବୁ କଥା ଦେଓ୍ୱାନ ଶୁଣନ୍ତି ହେଲେ କିଛି ବି ପ୍ରତିଉତ୍ତରରେ କୁହନ୍ତି ନାହିଁ। କାରଣ ସେ ଜାଣିଛନ୍ତି ହଁ କହିଲେ ରାଜପ୍ରସାଦ ଲୁଣ୍ଠନ ହୋଇଯିବ ଓ ନା କହିଲେ ତାଙ୍କର ମୁଣ୍ଡ କାଟ ହେବ, ତେଣୁ ସେ ସର୍ବଦା ଚୁପ୍ ରୁହନ୍ତି।

ଦିନକର ଘଟଣା ଏମିତି ସର୍ଦ୍ଦାରଙ୍କ ସହିତ କୌଣସି ଏକ ପ୍ରସଙ୍ଗରେ ଆଲୋଚନା ଚାଲିଥିବା ସମୟରେ ଦେଓ୍ୱାନ୍ କହିଲେ ହଜୁର୍ ଯଦି ଆପଣ ଅନୁମତି ଦେବେ, ତେବେ ମୁଁ ଗାଁରୁ କିଛି ପାନ ମଗାନ୍ତି। ଆପଣ ବି ଖାଆନ୍ତେ ଆଉ ମୁଁ ବି ଦୁଇଖଣ୍ଡ ଖାଆନ୍ତି। ସର୍ଦ୍ଦାର କଥାଟିକୁ ବିଚାରକଲେ ଓ ଭାବିଲେ ଏଥିରେ ତ କିଛି ବିପଦ ନାହିଁ । ତେଣୁ ସେ ଦେଓ୍ୱାନଙ୍କୁ ଅନୁମତି ଦେଲେ ଚିଠି ଲେଖିବା ପାଇଁ। ସଙ୍ଗେସଙ୍ଗେ ଦେଓ୍ୱାନ୍ ବି ଲାଗିପଡ଼ିଲେ ପତ୍ର ଲେଖିବା ପାଇଁ ଓ ସେ ଲେଖିଲେ- "ଭୋଳାନାଥ ଖମାରିଆ ଜାଣିବୁ, ମହାରାଣୀଙ୍କ ପୁତ୍ର ଧରଣୀଧରଙ୍କ ସକାଶେ ନିତ୍ୟାନ୍ତ ଦରକାର। ଅତି ଶୀଘ୍ର ଶହେ ପାନ, ଦୁଇଶହ ଗୁଆ ପଠାଇବୁ। ଆରେ ହଁ, ଉତ୍ତରପଟୁ ମାହାରା କରି ଆଖୁବାଡ଼ିରେ ଶୀଘ୍ର ପାଣି ବୁହାଇବୁ, ନ ହେଲେ ଆଖୁବାଡ଼ି ବିନାଶ ଯିବ ଜାଣିବୁ।"

ପରେ ଚିଠିଟିକୁ ସମସ୍ତଙ୍କ ଆଗରେ ପଢ଼ାଗଲା, ସର୍ଦ୍ଦାର ବି ଶୁଣିଲେ ଓ ପ୍ରେରଣ ପାଇଁ ଅନୁମତି ଦେଲେ। ଚିଠିଟି ପହଁଚି ଗଲା ଉଚିତ ଜାଗାରେ। ଚିଠିଟିକୁ ଅଞ୍ଚଳବାସୀ ପଢ଼ିଲେ କିନ୍ତୁ କିଛି ବୁଝିପାରିଲେ ନାହିଁ। ଶହେ ପାନ, ଦୁଇଶହ ଗୁଆ କ'ଣ? ଏହା କିଏ ଖାଇବ? ଅଉ ଏ ଧରଣୀଧରଙ୍କ ପୁତ୍ର କିଏ? ଉତ୍ତରପଟୁ ମାହାରାକରି ପାଣି ମଡ଼ାଇବୁ, ଏ ଆଖୁବାଡ଼ି କାହାର ଓ ଏହା କେଉଁଠି ଅଛି? ଶେଷରେ ଏହାକୁ ବୁଝିନପାରି ଚିଠିଟିକୁ ନେଇ ଚାଲିଲେ କଟକ।



ସେତେବେଳେ କଟକରେ ରହୁଥାଆନ୍ତି ଓଡ଼ିଆ ଜନନାୟକ ତଥା ଉତ୍କଳର ମଉଡ଼ମଣି, ଉତ୍କଳ ଗୌରବ, କୂଳବୃଦ୍ଧ ମଧୁସୂଦନ ଦାସ। ସେ କେଉଁଝରରେ ପ୍ରଜାମେଳି ବିଷୟରେ ଶୁଣିଥିଲେ। ତେଣୁ ସେ ଚିଠିଟିକୁ ପଢ଼ି ଯାହା ବୁଝାଇଲେ ତାହା ହେଉଛି-

“ଧରଣୀଧର ହେଉଛନ୍ତି ସର୍ଦ୍ଦାର ଯିଏକି ନିଜକୁ ମହାରାଣୀ ଭିକ୍ଟୋରିଆଙ୍କର ପୁତ୍ର ବୋଲି ଘୋଷଣା କରୁଥିଲେ। ଶହେ ପାନ, ଦୁଇଶହ ଗୁଆର ଅର୍ଥ ହେଉଛି ଶହେ ସୈନିକ ଓ ଦୁଇଶହ ଗୁଳି। ଉତ୍ତରପଟୁ ମାହାରା କରି ଆଖୁବାଡ଼ିରେ ଶୀଘ୍ର ପାଣି ବୁହେଇବାର ଅର୍ଥ ହେଉଛି ଉତ୍ତରପଟୁ ରାଜନଅରକୁ ସୈନିକ ପଠାଇବା। ଆଖୁବାଡ଼ିର ଅର୍ଥ ରାଜନଅର। ଆଖୁବାଡ଼ି ବିନାଶ ଯିବ ଅର୍ଥାତ୍ ରାଜ୍ୟ ପରାଜିତ ହୋଇଯିବ।” ଏହାପରେ ଚିଠି ଅନୁସାରେ ମାଗିଥିବା ଆବଶ୍ୟକୀୟ ସାଜସରଞ୍ଜାମ ପୂରଣ ହେଲା ଓ ରାଜ୍ୟକୁ ସୁରକ୍ଷିତ କରାଯାଇ ପାରିଲା।



ଏଠି ଯେଉଁ ଦେୱାନଙ୍କ କଥା କୁହାଯାଇଛି, ସେ ଆଉ କେହି ନୁହନ୍ତି ଉତ୍କଳର ବରପୁତ୍ର, ଓଡ଼ିଶାର ବ୍ୟସକବି ଫକିର ମୋହନ ସେନାପତି ଯିଏ କି ଏପରି ଚିଠି ଲେଖି ମାହାଳିମାନଙ୍କୁ ପାଣି ପିଆଇଥିଲେ। ତାଙ୍କର ସେହି ଚିଠିରେ ଲେଖାଯାଇଥିବା ଚତୁରତାରୁ ହିଁ ଆମେ ବୁଝିପାରୁଛେ ଯେ ତାଙ୍କର ଓଡ଼ିଶା ମାଟି ପ୍ରତି, ସମଗ୍ର ଓଡ଼ିଶାବାସୀଙ୍କ ପ୍ରତି ତଥା ଓଡ଼ିଆ ଭାଷା ଓ ଓଡ଼ିଆ ଲେଖା ପ୍ରତି କେତେ ଭଲପାଇବା ଓ କେତେ ଆତ୍ମୀୟତା ଥିଲା। ଯାହାଫଳରେ ଏତେ ଲୋକଙ୍କ ଆଖି ସାମ୍ନାରେ କେତେ ସରଳତା ସହକାରେ କେତେବଡ଼ ଯୋଜନାକୁ ସଫଳତା ସହକାରେ କାର୍ଯ୍ୟକାରୀ କରାଯାଇପାରିଥିଲା।

ଆଜିର ଶିକ୍ଷିତ ସମାଜ ନିଜର ଉନ୍ନତି ନିମନ୍ତେ ଓ ନିଜକୁ ଦକ୍ଷ କରିବା ନିମିତ୍ତ ଅନେକ ପ୍ରକାରର ସ୍କିଲ୍ ଟ୍ରେନିଂ ନେଉଛନ୍ତି, ମାତ୍ର ଓଡ଼ିଆ ଭାଷା ତଥା ଭାଷା ସାହିତ୍ୟରେ ଭରିହୋଇ ରହିଥିବା ମାଧୁର୍ଯ୍ୟ ଓ ଚତୁରତା ପାଇଁ କୌଣସି ପ୍ରକାର ବିକାଶମୂଳକ ଯୋଜନା କରାଯାଉନାହିଁ। ବିକାଶ ନିମନ୍ତେ ଖାଲି ଲେଖିଲେ କିମ୍ବା ପଢ଼ିଲେ ହେବ ନାହିଁ। ପିତା-ମାତାଙ୍କ ଆଶୀର୍ବାଦ ଓ ମାତୃଭାଷା ପ୍ରୀତି ବିନା ନିଜର ବିକାଶ କେବେ ବି ଚିନ୍ତା କରାଯାଇ ପାରେନା। ତେଣୁ ଓଡ଼ିଆ ଭାଷାର ଅନ୍ୟତମ କର୍ଣ୍ଣଧାର ପ୍ରକୃତି କବି ତଥା ସ୍ୱଭାବ କବି ଗଙ୍ଗାଧର ମେହର ଲେଖିଲେ-



“ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା।”

ଭାଷାରେ ଚତୁରତା ଦେଖାଇବା ଏକ ଏଭଳି କଳା ତାହା କୌଣସି ସ୍କିଲ୍ ଡେଭଲପମେଣ୍ଟ କକ୍ଷରେ ଜାଣିହେବ ନାହିଁ। ଆମେ ଆମର ପୁରାତନ ବହିଗୁଡ଼ିକୁ ପଢ଼ିବା ଦ୍ୱାରା ହିଁ ଆମେ ବାକ୍ ଚାତୁରୀ ଶିଖିପାରିବା, ଯାହାକି ଆମର ପୂର୍ବ ସୂରୀମାନେ ଆମ ପାଇଁ ଛାଡ଼ିଯାଇଛନ୍ତି।

ଅତୀତରେ ହରପ୍ପା ଓ ମହେଞ୍ଜୋଦାରୋ ବହୁତ ଉନ୍ନତ ସଭ୍ୟତା ଥିଲା। କିନ୍ତୁ ଏ ଦୁଇ ସଭ୍ୟତାର ଇତିହାସ କହିବା ପାଇଁ କହେି ନାହାନ୍ତି କାହିଁକି ? କୁଆଡ଼େ ଗଲେ ସେମାନେ ସବୁ ? ଏହାର ଉତ୍ତର କାହା ପାଖରେ ନାହିଁ। କିନ୍ତୁ ମୁଁ ଭାବୁଛି ସମୟକ୍ରମେ କୌଣସି କାରଣରୁ ଏ ଦୁଇ ସଭ୍ୟତାର ଲୋକମାନେ ଆଜିର ଓଡ଼ିଆ ଜାତି ଭଳି ଚୁପ୍ ଓ ସୁପ୍ତ ହୋଇରହିଥିବେ ନିଶ୍ଚିତ। ଯାହାଫଳରେ ଏମାନଙ୍କର ସଂସ୍କୃତି, ସଭ୍ୟତା ଆଦି ଲୋପ ପାଇଗଲା।

ଆମ ଓଡ଼ିଆ ଭାଷା ପ୍ରାଚୀନତାରେ ପରିପୂର୍ଣ୍ଣ, ଆମ ଓଡ଼ିଶୀ ନୃତ୍ୟକଳା ଶାସ୍ତ୍ରିୟତାରେ ଉଦ୍‌ବୁଦ୍ଧ, ଆମ ଭାଷା ସାହିତ୍ୟ ଆମ ସମସ୍ତ ଓଡ଼ିଆମାନଙ୍କର ପଥପ୍ରଦର୍ଶକ। ଆସନ୍ତୁ ସମସ୍ତେ ଓଡ଼ିଆ ସାହିତ୍ୟକୁ ପଢ଼ିବା, ବୁଝିବା ଓ ଆମର ବିକାଶକୁ ତ୍ୱରାନ୍ୱିତ କରିବା ସହ ଜଣେ ଜଣେ କୁଶଳୀ ତଥା ଦକ୍ଷ ବ୍ୟକ୍ତି ଭାବେ ନିଜକୁ ଗଢ଼ିତୋଳିବା।

ଜୟ ଓଡ଼ିଆ-ଜୟ ଓଡ଼ିଶା

❒



# ମାଘ ମାହାତ୍ମ୍ୟ

**ରୁପେଶ ଚନ୍ଦ୍ର ପଣ୍ଡା**
ଏ.ଟି.ଓ.-ଇଲେକ୍ଟ୍ରିସିଆନ୍

ମାଘ ମାସ ହେଉଛି ଓଡ଼ିଆ ହିନ୍ଦୁମାନଙ୍କର ଏକ ଧର୍ମମାସ ଏହା ସୌର ମକର ମାସ ସଙ୍ଗେ ସମାନ ମଘା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ବିଶିଷ୍ଟ ଚାନ୍ଦ୍ରମାସକୁ ମାଘମାସ କୁହାଯାଏ। ମାଘ ମାସର ଅନେକ ଧାର୍ମିକ ଓ ବୈଜ୍ଞାନିକ ମହତ୍ୱ ରହିଛି। ମାଘ ମାସରେ ପବିତ୍ର ନଦୀମାନଙ୍କରେ ସ୍ନାନ କରିବା, ଦାନ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ। ମାନ୍ୟତା ରହିଛି କି ଏହି ମାସରେ ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ଶରୀରରେ ସକରାତ୍ମକ ଉର୍ଜାର ଉତ୍ପତ୍ତି ହୋଇଥାଏ।

ମାଘମାସର ଶୁକ୍ଳ ସପ୍ତମୀ ତିଥିଟି ପୁରାଣ ଅନୁସାରେ ଖୁବ୍ ଗୁରୁତ୍ୱ ବହନ କରେ। ଏହି ଦିନ ଅନେକ ଭକ୍ତ ଓ ଧାର୍ମାବଲମ୍ବୀମାନେ ଅର୍କକ୍ଷେତ୍ରର ଚନ୍ଦ୍ରଭାଗାରେ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରିଥାନ୍ତି। କିମ୍ବଦନ୍ତି କୁହେ ଯେ, ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଏହି ଚନ୍ଦ୍ରଭାଗା କୂଳରେ ମାଘ ମାସରେ ସୂର୍ଯ୍ୟ ଉପାସନା କରି କୁଷ୍ଠ ରୋଗରୁ ମୁକ୍ତିଲାଭ କରିଥିଲେ। ତେଣୁ ପ୍ରାଚୀନ କାଳରୁ ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗା ଏକ ପୁଣ୍ୟତୀର୍ଥ ରୂପେ ଖ୍ୟାତି ଅର୍ଜନ କରିଅଛି।

ସାରଳା ଦାସଙ୍କ ମହାଭାରତରେ ଉଲେଖ ଅଛି ଯେ ପବିତ୍ର ମାଘ ସପ୍ତମୀ ତିଥିରେ ସୂର୍ଯ୍ୟଦେବ 'ଅର୍କ' ନାମକ ଏକ ଦୈତ୍ୟକୁ ପାତାଳକୁ ଚାପି ଦେଇ ସେଠାରେ ଅର୍କକ୍ଷେତ୍ର ସୃଷ୍ଟି କରିଥିବାରୁ ପ୍ରତିବର୍ଷ ମାଘ ଶୁକ୍ଳ ସପ୍ତମୀ ଦିନ ଏହି ତୀର୍ଥରେ ପବିତ୍ର ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ।

ମାଦଳା ପାଞ୍ଜିରେ ମଧ୍ୟ କୋଣାର୍କରେ ମାଘ ସପ୍ତମୀ ଯାତ୍ରା ବିଷୟରେ ଉଲ୍ଲେଖ ଅଛି। ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ମାଘ ସପ୍ତମୀରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୂର୍ଯ୍ୟପୂଜା ଓ ଉତ୍ସବ ପାଳିତ ହୋଇ ଆସୁଅଛି। କିନ୍ତୁ ଚନ୍ଦ୍ରଭାଗା ବୁଡ଼ରେ ପୂଣ୍ୟ ଅର୍ଜନ କରିବା ପାଇଁ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। କୋଣାର୍କକୁ ଏଇ ପବିତ୍ର ଅବସରରେ ମାଘ ଶୁକ୍ଳ ସପ୍ତମୀ ଦିନ ସୂର୍ଯ୍ୟଙ୍କର ପହିଲି କିରଣ ଦେଖି ଶ୍ରଦ୍ଧାଳୁମାନେ ବୁଡ଼ ପକେଇ ଥାଆନ୍ତି। ବିଶ୍ୱାସ ରହିଛି ଯେ ମାଘ ସପ୍ତମୀରେ ସୂର୍ଯ୍ୟ ଦେବଙ୍କୁ ସ୍ମରଣ କରି ବୁଡ଼ ପକେଇଲେ ସମସ୍ତ ପାପରୁ ମୁକ୍ତି ମିଳିଥାଏ।



ଅଧିକନ୍ତୁ ମଧ୍ୟ ବିଶ୍ୱାସ କରାଯାଏ ଯେ ଏହି ପବିତ୍ର ମାଘ ସପ୍ତମୀରେ ହିଁ ସୂର୍ଯ୍ୟଦେବ ଜନ୍ମ ଗ୍ରହଣ କରିଥିଲେ। ଏହି ମାଘ ସପ୍ତମୀ ତିଥିରେ ସାଧୁସନ୍ଥମାନେ ଏକତ୍ରିତ ହୋଇ ବିଭିନ୍ନ ଧର୍ମାଲୋଚନା ଓ ଯାଗଯଜ୍ଞରେ ଭାଗ ନେଇଥାନ୍ତି। ଏଇ ଅବସରରେ ଭୁବନେଶ୍ୱରର ଖଣ୍ଡଗିରିରେ ନଅଦିନ ବ୍ୟାପି ବିରାଟ ମେଳା ସହ ଯଜ୍ଞର ଆୟୋଜନ ମଧ୍ୟ ହୋଇଥାଏ।

ଏତେ ସବୁ ଧାର୍ମିକ ତତ୍ତ୍ୱ ଛଡ଼ା ମାଘ ମାସର କିଛି ବୈଜ୍ଞାନିକ ମହତ୍ୱ ମଧ୍ୟ ରହିଛି। ମାଘ ମାସର ସୂର୍ଯ୍ୟକିରଣ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ଆମକୁ ମୁକ୍ତି ଦେଇଥାଏ। ମାଘ ମାସର ଖରା ଛୋଟପିଲାଙ୍କୁ ନିମୋନିଆ ଏବଂ ଥଣ୍ଡାଜନିତ ରୋଗରୁ ରକ୍ଷା କରିଥାଏ। ଏହାଛଡା ବୟସ୍କମାନେ ମଧ୍ୟ ଏଇ ମାସରେ ନିୟମିତ ଖରାରେ ବସିବା ଦ୍ୱାରା ସେମାନଙ୍କ ହାଡ ଜନିତ ସମସ୍ୟା କିଛି ପାରିମାଣରେ ଲାଘବ ହୁଏ। ତେଣୁ ଏହି ମାସରେ ସୂର୍ଯ୍ୟଦେବଙ୍କୁ ପୂଜା କରାଯିବାର ବିଧି ରହିଛି।

ସେଥିପାଇଁ ଆମ ହିନ୍ଦୁ ବିଶ୍ୱାସ ଅନୁସାରେ ମାଘ ମାସ ଏକ ପବିତ୍ର ଓ ଧର୍ମ ମାସ ଏବଂ ମାଘ ସପ୍ତମୀ ଏକ ପବିତ୍ର ତିଥି ଓ ପ୍ରାଚୀନ ସଂସ୍କୃତିର ଦିବସ ଅଟେ।



# ସଂଘର୍ଷମୟ ଜୀବନ

**ବିଶ୍ୱନାଥ ବେହେରା**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ଜୀବନ ଓ ସମୟ ମଧ୍ୟରେ କ୍ଷୀର ନୀର ପରି ସମ୍ପର୍କ ନ ହେଲେ ମଧ୍ୟ ଏହାଙ୍କ ମଧ୍ୟରେ ପବନ ଓ ଶ୍ୱାସକ୍ରିୟା ପରି ନିବିଡ଼ ବନ୍ଧୁତା ଥାଏ।

**ମୋ ଅର୍ଥରେ ଜୀବନ:** ଜୀବନ ଏକ ଶବ୍ଦ। ମୁଖରେ ଉଚ୍ଚାରିତ ହେଲେ କିମ୍ବା ମନ ଭିତରକୁ ଆସିଲେ ଆମକୁ ଲାଗେ ଯେ ଏଇଟା ଆମ ଶରୀର। ଆଉ ଯାହା ମଧ୍ୟରେ ରହିଛି ଜୀବନ। ମୋ ମତରେ ଏହା ଠିକ୍ ନୁହେଁ। ଜୀବନ- ଏକ ସ୍ୱୟଂ ଭଗବାନଙ୍କ ଦ୍ୱାରା ପ୍ରବୃତ୍ତ ଏକ ସୁନ୍ଦର ଯାନ, ଯାହାର ମାଲିକ / ଚାଳକ ହେଉଛନ୍ତି ସେଇ ପ୍ରଭୁ ଅନନ୍ତ ନିରାକାର ପରଂବ୍ରହ୍ମ ନାରାୟଣ। ସେହି ପ୍ରଭୁ ଆମକୁ ଏହି ମର୍ତ୍ତ୍ୟପୁରକୁ ପଠାଇ ବାର୍ତ୍ତା ଦେଇଛନ୍ତି ଯେ, ମୋ ଦ୍ୱାରା ସୃଷ୍ଟ ମଣିଷ ତୁ। ଯାହା ଭାବୁଛୁ ଯେ ତୋତେ ମୁଁ ପଠାଇଛି କେବଳ ମୋ ଇଙ୍ଗିତରେ କାର୍ଯ୍ୟ କରିବା ପାଇଁ, ତାହା ଠିକ୍ ନୁହେଁ। ମୋ ହାତରେ ୪୦ ପ୍ରତିଶତ ରହିଲେ ତୋ ହାତରେ ୬୦ ପ୍ରତିଶତ କାର୍ଯ୍ୟ ରହିଛି। ତୁ ସେହି ୬୦ ପ୍ରତିଶତକୁ ଏମିତି ବ୍ୟବହାର କର, ଯେମିତି ତୁ ମୋତେ ନୁହେଁ ତୋର ମଣିଷ ଜନ୍ମକୁ ଧନ୍ୟବାଦ୍ ଦେଇକରି ଆସିବୁ।

"ତୁମେ ମୋ ଭରସାରେ ବସ ନାହିଁ, ତୁମେ ତୁମ ଜୀବନରେ ସଂଘର୍ଷ କରି ଚାଲ, କିଏ ଜାଣେ କାଳେ ତୁମ ଭରସାରେ ମୁଁ ବସି ରହିଛି ଯେ ତୁମେ କିଛି କଲେ ତା'ର ବାଟ ମୁଁ ଦେଖାଇଦେବି ବୋଲି।" –ପରବ୍ରହ୍ମଙ୍କ ବାଣୀ

ଆମେ ବେଳେବେଳେ ଭାବିଦେଉ ଯେ 'ନାଁ ମୋ ଜୀବନରେ କିଛି ହବନି, ମୋ ଦ୍ୱାରା କିଛି ହେବ ନାହିଁ'- ଆରେ ନାହିଁ ସେମିତି ଭାବିବା ଭୁଲ, ତୁ ତୋ କାର୍ଯ୍ୟ କରିଚାଲ, ତା'ର ଫଳ ସମୟ ଆସିଲେ ନିଶ୍ଚୟ ପାଇବୁ। ଲୋକ ତ ଜୀବନରେ ଯିବେ ଓ ଆସିବେ ଲୋକଙ୍କ କଥାକୁ ଶୁଣି ନିଜକୁ କେବେ ତଳେ ପକାଇଦେବା ନାହିଁ, କାରଣ ଲୋକ ତ ପଚାରନ୍ତି ଯେ ତରଭୁଜ ମିଠା ହେବ ତ କିନ୍ତୁ ଖାଆନ୍ତି ଲୁଣ ଲଗାଇ, ଆଉ ଗୋଟେ କଥା ମନେରଖ ଯେ ପର୍ଯ୍ୟନ୍ତ ତୁମ କାର୍ଯ୍ୟରେ ଲୋକଙ୍କ ଦ୍ୱାରା ବାଧା ସୃଷ୍ଟି ହେଇନି, ଜାଣିବ ଯେ ତୁମେ ଭୁଲ, କିନ୍ତୁ ଯଦି ତୁମର କାର୍ଯ୍ୟରେ ଲୋକଙ୍କ ଦ୍ୱାରା ବାଧା ସୃଷ୍ଟି ହେଉଛି ସେ ସମୟରେ ବିଚଳିତ ନ ହୋଇ ଭାବ ଯେ ହଁ ତୁମେ ଠିକ୍ ଅଛ ବୋଲି। କାରଣ- ନିମ୍ବ ଗଛକୁ ପଥର ପଡ଼େନି, ସଦାବେଳେ ଆମ୍ବଗଛ ଉପରେ ଥିବା ଆମ୍ବକୁ ହିଁ ପଥର ପଡ଼େ।

ନିଜନିଜ ଜୀବନରେ ମାଇନସ୍ ପଏଣ୍ଟ ଖୋଜି ବାହାର କର, ସେଇଟାକୁ ପ୍ଲସ୍ ପଏଣ୍ଟରେ ବଦଳେଇବାକୁ ଚେଷ୍ଟାକର। ମୁଁ ଦେଖିଛି ସବୁଠାରୁ ମାଇନସ୍ ପଏଣ୍ଟ ହେଉଛି ଗୋଟିଏ କଥା- 'ଲୋକ କ'ଣ କହିବେ?'

ସବୁବେଳେ ନିଜକୁ ନିଜ ଆଗରେ ତଳେ ପକାଅନି, କାରଣ ତୁମେ ତଳେ ପଡ଼ିଲେ ଉଠିଯିବ, ଲୋକଙ୍କ କଥା ଶୁଣି ପଡ଼ିଗଲେ ମଧ୍ୟ ଉଠିଯିବ, କିନ୍ତୁ ଗୋଟେଥର ନିଜକୁ ନିଜେ ନିଜ ସାମ୍ନାରେ ତଳକୁ କରିଦେଲେ ପୁଣି ନିଜ ଆଗରେ ନିଜକୁ ଉପରକୁ ଉଠେଇବା କାଠିକର ପାଠ ହୋଇପଡ଼େ।

ତୁମେ ନିଜ ଜୀବନରେ ଚରିତ୍ର ସାର୍ଟିଫିକେଟ କାହାକୁ ଦେଖାଇବା ଆବଶ୍ୟକ ନାହିଁ, କାରଣ ତୁମେ ଜାଣିଛ ତୁମେ କ'ଣ? ଏବଂ ତୁମ ଭିତରେ କେଉଁ କଳା ଅଛି, ଭଗବାନ ତୁମକୁ ଏ ସୃଷ୍ଟିକୁ ଛାଡ଼ିଛନ୍ତି ମାନେ କିଛି ଭଲ ଗୁଣ / କାର୍ଯ୍ୟ ଦେଇ ଛାଡ଼ିଥିବେ, ସେଇଟା ଖୋଜି ବାହାରକର ଓ ଆଗକୁ ବଢ଼। ଯଦି ତୁମେ କାହାକୁ ଭଲଲାଗ ତ, ହାଲୋ-ହାଏ! କୁହ, ନାହିଁ ତ ଦୂରରୁ ବାଏ-ବାଏ! କର।

ଜୀବନରେ ସୁଖଦୁଃଖ ଦୁଇ ପନ୍ଦରଦିନିଆ ଲାଗି ରହିଥାଏ, ଯାହାକି ଗୋଟେଗଲେ ଆଉଗୋଟେ ଆସିବ, ତେଣୁ ସୁଖ ସମୟରେ ଅଧିକ ବିଭୋର ହୋଇଯିବା ନାହିଁ। କାରଣ ଏ ସୁଖସମୟ କାଲିକୁ ନ ଥିବ, ଏବଂ ଦୁଃଖ ସମୟରେ ଅଧିକ ଭାଙ୍ଗିଯିବା ନାହିଁ। କାରଣ କାଲିକୁ ଏ ଦୁଃଖ ମଧ୍ୟ ନ ଥିବ!

ଆଉ ଗୋଟେ କଥା- ମୁଁ ଅସୁବିଧାରେ ଅଛି, ମୁଁ ଦୁଃଖରେ ଅଛି ଏଗୁଡ଼ା କାହାକୁ ବି ଜଣାଇଲେ କେହି ବି ତୁମ ଅସୁବିଧାକୁ ସୁବିଧାରେ ଓ ଦୁଃଖକୁ ସୁଖରେ ପରିବର୍ତ୍ତନ କରିପାରିବେ ନାହିଁ। କାରଣ ଏକ ମିନିଟ୍ ହେଉ, ଗୋଟେ ଘଣ୍ଟା ହେଉ, ଗୋଟେ ଦିନ ହେଉ ବା ଗୋଟେ ବର୍ଷ ହେଉ ତୁମେ ହିଁ ତୁମ ଅସୁବିଧାକୁ ସୁବିଧାରେ ଓ ଦୁଃଖକୁ ସୁଖରେ ପରିବର୍ତ୍ତନ କରିପାରିବ।

ଆମଭଳି ଛାତ୍ରଛାତ୍ରୀମାନଙ୍କର ସବୁଠାରୁ ବଡ଼ ଅସୁବିଧା ହେଉଛି ପାଠ ମନେରଖିବା ବୋଲି ଆମେ ଭାବି ଦେଉଛେ, ପାଠ ସମସ୍ୟା ନୁହେଁ ମନେ ରଖିବା ହେଉଛି ସମସ୍ୟା, ବାସ୍ ଏହାକୁ ସମସ୍ୟା ବୋଲି ଭାବିଦେଲେ ତାହା ସମସ୍ୟା ହୋଇଯାଏ, ଯେ କୌଣସି ସମସ୍ୟାକୁ ସମସ୍ୟାଭଳି ନ ଦେଖି କିଛି ସମୟର ଅତିଥି ଭାବରେ ଦେଖିବା ଉଚିତ।

ଯେତେବେଳେ ରହିବା ବ୍ୟସ୍ତିଆ
ସେବେ ସମସ୍ତ କାର୍ଯ୍ୟ ସହଜିଆ
ଯେତେବେଳ ହେବା ଅଳସୁଆ
ସବୁ କାର୍ଯ୍ୟ ଲାଗିବ ତୁମକୁ କଷ୍ଟିଆ।

ତେଣୁ କାର୍ଯ୍ୟ / ପାଠରେ ସଦାବେଳେ ନିଜକୁ ବ୍ୟସ୍ତରଖ।

'ମନ' ଏହା ଏକ ସୁନ୍ଦର ବ୍ୟକ୍ତିତ୍ୱ- ଯେଉଁଟା କି ଆମ ଭିତରେ ଅନ୍ତର୍ନିହିତ ଅଟେ। ମନର ଦାସ କେତେବେଳେ ବି ହେବା ଉଚିତ ନୁହେଁ, ବିବେକ ହିସାବରେ କାର୍ଯ୍ୟ କରିବା ବୁଦ୍ଧିମାନ ବ୍ୟକ୍ତିତ୍ୱର ପରିଚୟ।

ତୁମେ ଅନୁଭବ କରିଥିବ ଯେ- କାଲିସକାଳୁ ଉଠି ମୁଁ ପଢ଼ିବି, କିନ୍ତୁ ଯେତେବେଳେ କାଲି ସକାଳ ହୋଇଯାଏ, ନିଦରୁ ଉଠିବା ସମୟ ଆସିଯାଏ, ସେତେବେଳେ ମନ କୁହେ ଆଉ ପରେ ପଢ଼ିନେବି ପରେ ସେହି କାମଟି କରିନେବି, କିନ୍ତୁ ବିବେକ କହୁଥିବ- ନା ଉଠିଯା, ପଢ଼ିନେ କିଛି ପାଠ, କରିନେ ତୋର କାମ, ନ ହେଲେ ପଛରେ ପଡ଼ିଯିବୁ, ଆଗକୁ ବଢ଼ିପାରିବୁ ନାହିଁ। ଏଠାରେ ମନ ଆମକୁ ତା କବଳରେ ରଖିଚି ଯେବେଠୁଁ ଆମେ ଆମ ମନକୁ




ଡରାଇବା ସେତେବେଳେ ହିଁ ଜୀବନରେ କିଛି କରିପାରିବା ବା ଆଗକୁ ବଢ଼ିପାରିବା।

ଆଉ ରହିଲା ଜୀବନରେ କଷ୍ଟ। କଷ୍ଟ କେଉଁ ମଣିଷକୁ ହୁଏନି, ଅଳ୍ପ ହେଉ ବା ଅଧିକ ହେଉ ସମସ୍ତେ କଷ୍ଟ ପାଆନ୍ତି। ସ୍ୱୟଂ ଶ୍ରୀକୃଷ୍ଣ ମଧ ଶିଆଳି ଲତାବନରେ ଶରବିଦ୍ଧ ଦ୍ୱାରା କଷ୍ଟ ଭୋଗିଥିଲେ।

ଆଘାତ କାହାକୁ ନ ହୁଏ
ଆଘାତ କାହାକୁ ନ ହୁଏ !
ଆଘାତ ସତ୍ତ୍ୱେ ଯେ ଉଡ଼ିକି ଦେଖାଏ
ସେହି ଏକା ବଞ୍ଚିରୁହେ।

ଜୀବନରେ ସମସ୍ତେ ଚାକିରି ଖୋଜନ୍ତି। ସମସ୍ତେ ଯଦି ଚାକିରି ଖୋଜିବେ ତ ଚାକିରି ଦେବା ଲୋକ ଆସିବେ କୁଆଡ଼ୁ, ଯଦି ଚାକିରି ଦେବା ଲୋକ ୧୦୦କେ ୧ ଜଣ ବାହାରନ୍ତି ତେବେ ସେ କିଛି ପରିବାରର ମୁହଁରେ ଦାନା ଦେଇପାରିବ।

ଆଜି ଯଦି ଆମର ଅତିପ୍ରିୟ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସାର୍ ଭାବିଥାନ୍ତେ ଯେ ସେ କିଛି କରିପାରିବେନି ତାଙ୍କ ଦ୍ୱାରା କିଛି ହେବନି ତେବେ ଲକ୍ଷ ଲକ୍ଷ ଲୋକଙ୍କ ମୁଖରେ ଆହାରର ପାତ୍ର ହୋଇପାରି ନ ଥାନ୍ତେ, କି ତାଙ୍କ ଦ୍ୱାରା ଏତେ ମାତ୍ରାରେ ପିଲା ଶିକ୍ଷିତ ଓ ଲୋକମାନେ ଉପକୃତ ହୋଇପାରି ନ ଥାନ୍ତେ। (ବାସ୍ ଏହା ଏକ ଅମୂଲ୍ୟ ଉଦାହରଣ)।

ତେଣୁ ଆମେ ଅତୀତର ଭୁଲ୍ ଠିକ୍‌କୁ ତର୍ଜମା କରି ବର୍ତ୍ତମାନଠାରୁ ଆମ ଜୀବନଶୈଳୀକୁ ଏପରି ଗଢ଼ିବା, ଯେମିତି କି ଅବସର ସମୟରେ ବସିକି ଖାଇଲେ ବି ନଇବାଲି ସରିବନି। ନିଜ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲରେ ବିତେଇବାକୁ ଚେଷ୍ଟା କରିବା। ଏଠାରେ କବିବର ରାଧାନାଥ ରାୟଙ୍କ ଉକ୍ତିଟି ପ୍ରଯୁଜ୍ୟ-

"କେହି ରହି ନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ।"

ଶେଷରେ ଦୁଇପଦ କହିବି- ଜୀବନରେ ଏମିତି କିଛି କାମ କର ଯେମିତି ନାମ ବନିଯିବ। ଜୀବନରେ ଏମିତି ନାମ ବନାଅ, ଯେମିତି ତୁମ ନାମ ନେଉ ନେଉ ଅନ୍ୟର କାମଟି ହୋଇଯିବ।

❒



# ସିଂହ ଓ ମୂଷା କଥା

**ଲବ ସିଂ**
ଫିଟର୍ (୨୦୨୧-୨୦୨୩)

ବହୁ ପୁରାକାଳର କଥା। ପର୍ବତର ପାଦଦେଶରେ ଥିବା ଏକ ଜଙ୍ଗଲରେ ସିଂହଟିଏ ବାସ କରୁଥିଲା। ଦିନେ ସେ ତାର ଗୁମ୍ଫାରେ ଗାଢ଼ ନିଦରେ ଶୋଇଥାଏ, ହଠାତ୍ ଗୋଟିଏ ମୂଷା କେଉଁଆଡୁ ଆସି ସିଂହର ଶରୀର ଉପରେ ଚଢ଼ି ଡିଆଁଡେଇଁ କରୁଥାଏ। ମୂଷାର ଚଗଲାମୀରେ ସିଂହର ନିଦ ଭାଙ୍ଗି ଗଲା, ସେ ଦେଖିଲା ମୂଷାଟି ତାର କେଶର ଗୁଡ଼ିକୁ କାମୁଡ଼ି କେତେ ଜାଗାରେ ଖଣ୍ଡିଆ ଖାବରା କରିଦେଇଛି। ସେ ମୂଷାଟିକୁ ଧରିବାପାଇଁ ଚେଷ୍ଟାକଲା। ସିଂହଟି ତାକୁ ଗୋଡ଼ାଇବାରୁ ମୂଷା ସଙ୍ଗେ ସଙ୍ଗେ ପର୍ବତ ନିକଟରେ ଥିବା ଗାତରେ ପଶିଗଲା।

ମୂଷା ଗାତରେ ପଶିଯିବାର ଦେଖି ସିଂହ ସଙ୍ଗେ ସଙ୍ଗେ ଏକ ବିରାଡ଼ି ନିକଟକୁ ସାହାଯ୍ୟ ପାଇଁ ଚାଲିଲା। କିଛିବାଟ ଯିବାପରେ ବିରାଡ଼ି ସହିତ ତାର ସାକ୍ଷାତ ହେଲା। ସିଂହ ମହାରାଜାଙ୍କ ଠାରୁ ସବୁକଥା ଶୁଣିସାରିବା ପରେ ବିରାଡ଼ିଟି ମୂଷାକୁ ମାରିବାପାଇଁ ରାଜି ହେଲା। ବିରାଡ଼ିକୁ ସାଙ୍ଗରେ ଧରି ସିଂହ ତାର ଗୁମ୍ଫା ନିକଟକୁ ଆସିଲା। ଖାଇବାକୁ ପିଇବାକୁ ଦେଇ ବିରାଡ଼ିକୁ ପାଖରେ ରଖିଲା। ସିଂହ ସହିତ ଏକ ବିରାଡ଼ିକୁ ଦେଖି ମୂଷା କିଛିଦିନ ପାଇଁ ଗାତରୁ ବାହାରିଲା ନାହିଁ। ମୂଷା ଗାତରୁ ନ ବାହାରିବାରୁ ସିଂହଟି କିଛିଦିନ ତା' ଚଗଲାମିରୁ ରକ୍ଷା ପାଇ ଶାନ୍ତିରେ ଶୋଇବସି ପାରିଲା।

ଏଣେ ସିଂହ କିନ୍ତୁ ବିରାଡ଼ିକୁ ଖାଇବାକୁ ଦେଇ ତାକୁ ଖୁବ୍ ଆନନ୍ଦରେ ରହିଥାଏ। ବିଲେଇଟି ବିନା କଷ୍ଟରେ ଆହାର ପାଇଯାଉ ଥିବାରୁ, ଧିରେଧିରେ ଆଳସ୍ୟପରାୟଣ ହେଉଥାଏ। ମୂଷାଟି ମଧ୍ୟ କେତେଦିନ ଗାତରେ ରହିବ? ଗାତରେ ପଶି ରହିଲେ ଖାଇବା ସଂଗ୍ରହ କରିବ କିପରି? ଖାଦ୍ୟ ସଂଗ୍ରହ କରିବାକୁ ବାହାରକୁ ବାହାରିଲେ ବିରାଡ଼ି ମାରିଦେବ। ତେଣୁ କ'ଣ କରିବ, ଭୋକ ସହିନପାରି ମୂଷାଟି ଗାତରୁ ବାହାରିଲା। ମୂଷା ବାହାରକୁ ଆସିବା ମାତ୍ରେ ବିରାଡ଼ି ସଙ୍ଗେ ସଙ୍ଗେ ତାକୁ ମାରିଦେଲା। ଯେମିତି ମୂଷା ମରିଯାଇଛି ସିଂହର ଉଦ୍ଦେଶ୍ୟ ପୂରଣ ହେଲା। ଏହାପରେ ସିଂହ ଆଉ ବିରାଡ଼ିକୁ ଖାଇବାକୁ ଦେଲା ନାହିଁ। କିଛିଦିନ ଗଲାପରେ ବିରାଡ଼ି ଖାଦ୍ୟ ଅନ୍ୱେଷଣରେ ବାହାରିଲା, କିନ୍ତୁ ଆଳସ୍ୟତା ଯୋଗୁଁ କେଉଁଠାରେ ହେଲେ ଖାଦ୍ୟ ପାଇଲା ନାହିଁ। ଶେଷରେ ଭୋକରେ ଆଉଟୁ ପାଉଟୁ ହୋଇ ବିରାଡ଼ିଟି ମଧ୍ୟ ମରିଗଲା।

ତେଣୁ ଅନ୍ୟର କଥାରେ ଭାସିଯାଇ କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ। ବୁଝି ବିଚାରି ନିଜେ ଯାହା ଠିକ୍ ବୋଲି ଅନୁଭବ କରିବ, ତାହା ହିଁ କରିବା ଉଚିତ। ଅନ୍ୟ କଥାରେ କାର୍ଯ୍ୟକଲେ, ବିରାଡ଼ି ପରି ପରିଣାମ ଭୋଗ କରିବାକୁ ପଡ଼ିଥାଏ। ❐





# ଚାରି ସାଙ୍ଗଙ୍କ କଥା

**ଅବିନାଶ ପ୍ରଧାନ**
ଫିଟର୍ (୨୦୨୧-୨୦୨୩)

ଜଙ୍ଗଲ ମଧ୍ୟରେ ପୋଖରୀଟିଏ। କାଚକେନ୍ଦୁ ପରି ପାଣି। ସେଇ ପୋଖରୀରେ ରହୁଥିଲା ଗୋଟିଏ ବଡ଼ କଇଁଛ। ପୋଖରୀ କୂଳରେ ଗୋଟିଏ ଝଙ୍କାଳିଆ ବରଗଛ ଏବଂ ତା' ପାଖକୁ ଲାଗି ଘଞ୍ଚ ବୁଦାସବୁ ଲମ୍ବିଯାଇଛି କିଛି ଦୂର। ସେଇ ବୁଦା ଭିତରେ ଘର କରି ରହିଥିଲେ ଦୁଇ ସାଙ୍ଗ ମୂଷା ଏବଂ ଠେକୁଆ। ବରଗଛ ଉପରେ ବସା କରିଥିଲା କାଉଟିଏ। ଏ ଚାରିଙ୍କ ଭିତରେ ଭାରି ବନ୍ଧୁତା। କେହି କାହାକୁ ଦିନେ ନ ଦେଖିଲେ ରହିପାରନ୍ତି ନାହିଁ। ସେମାନେ ନିଜ ନିଜ ଭିତରେ ସଙ୍ଗାତ ବସିଥିଲେ। ଅବସର ସମୟରେ ଏକାଠି ବସି ଗପ କରୁଥିଲେ। ଏମିତି ଆନନ୍ଦରେ ଦିନଗୁଡ଼ିକ କଟିଯାଉଥିଲା।

ଥରେ ଗୋଟିଏ ଶିକାରୀ ବରଗଛ ମୂଳରୁ ପୋଖରୀ ତୁଠ ପର୍ଯ୍ୟନ୍ତ ଫାଶ ବସାଇଦେଲା। ଏହା ଜାଣିନପାରି କଇଁଛ ଏବଂ ଠେକୁଆ ପରସ୍ପରକୁ ଭେଟିବାକୁ ଆସୁଥିବାବେଳେ ସେଇ ଫାଶରେ ପଡ଼ିଗଲେ। ଶିକାରୀର ଖୁସି କହିଲେ ନ ସରେ। ଗୋଟିଏ ଜାଲ ମୁଣାରେ ସେ ଦୁହିଁଙ୍କୁ ପୁରାଇ ଶିକାରୀଟି ଘରକୁ ଚାଲିଲା। ଠେକୁଆ କିନ୍ତୁ ଭାରି ଚାଲାକ। ସେ ଚୁପ୍‌ଚାପ୍ କଇଁଛ ପରି ମୁଣ୍ଡ ଭିତରେ ପଡ଼ି ନ ରହି ପ୍ରାଣମୂର୍ଚ୍ଛା ଚିତ୍କାର କରି ବଣଭୂଇଁକୁ କମ୍ପାଇ ଦେଲା।

ମୂଷା ଓ କାଉ ସଙ୍ଗାତର ବିକଳ ଚିତ୍କାର ଶୁଣି ସେଠାରେ ପହଞ୍ଚିଗଲେ। ଦୁଇ ସଙ୍ଗାତ ଏମିତି ବିପଦରେ ପଡ଼ିଥିବା ଦେଖି ଦୁଃଖ କଲେ। ଅନେକ ଚିନ୍ତା କରି ସେମାନେ ଶିକାରୀକୁ ଧୀରେଧୀରେ ଅନୁସରଣ କରିବାକୁ ଲାଗିଲେ। କାଉ ଉଡ଼ିଉଡ଼ି ଆସି ସେଠାରେ ପହଞ୍ଚିଗଲା। ବିଚାରବିମର୍ଶ ପରେ ସେମାନେ ଯୋଜନାବଦ୍ଧ ଭାବେ ଶିକାରୀକୁ ମିଳିତ ଭାବେ ଆକ୍ରମଣ କଲେ। ସେମାନଙ୍କ ଆକ୍ରମଣରେ ଶିକାରୀ ଖଣ୍ଡିଆ ଖାବରା ହୋଇ ଯନ୍ତ୍ରଣାରେ ତଳେ ପଡ଼ିଗଲା। ନିଜ ଜୀବନ ବଞ୍ଚାଇବାକୁ ସେ ଚିତ୍କାର କଲା। ଏହାର ସୁଯୋଗ ନେଇ ମୂଷା ଶିକାରୀର ସେହି ଜାଲ ମୁଣାକୁ ନିଜର ତୀକ୍ଷ୍ଣ ଦାନ୍ତରେ କାଟିଦେଲା। ଠେକୁଆ ଏବଂ କଇଁଛ ଜାଲ ମୁଣାରୁ ପଦାକୁ ବାହାରିଆସି ପାଖରେ ଥିବା ଏକ ଘଞ୍ଚବୁଦା ଭିତରେ ଲୁଚିଗଲେ। ଶିକାରୀ ବିଚରା ରକ୍ତାକ୍ତ ହୋଇ କାନମୁଣ୍ଡ ଆଉଁସି ଘରକୁ ଖାଲି ହାତରେ ଫେରିଲା। ଦେଖିଲ ତ ପିଲେ, ଉତ୍ତମ ଏବଂ ନିଃସ୍ୱାର୍ଥପର ବନ୍ଧୁତାର ମୂଲ୍ୟ କେତେ ? ଯିଏ ପ୍ରକୃତ ବନ୍ଧୁ ସେ କେବଳ ସୁଖ ସମ୍ପଦବେଳେ ପାଖରେ ନ ଥାଇ ବିପଦରେ ପଡ଼ିଲେ ସେଥିରୁ ଉଦ୍ଧାର କରିବାକୁ ଆଗଭର ହୋଇଥାଏ। ନିଃସ୍ୱାର୍ଥପର ବନ୍ଧୁତା ଏକ ଦୁର୍ଲ୍ଲଭ ଏବଂ ସ୍ୱର୍ଗୀୟ ଗୁଣ। ❐







# ଆମ ଦେଶ

**ସୁବ୍ରତ ବାନରା**
ଫିଟର (୨୦୨୨-୨୦୨୪)

ବରେଣ୍ୟ ସଭାପତି ମହୋଦୟ ମଞ୍ଚସ୍ଥ ମୁଖ୍ୟ ଅତିଥି। ଉପସ୍ଥିତ ସହପାଠୀବୃନ୍ଦ ତଥା ମୋର ଛୋଟବଡ଼ ଭାଇଭଉଣୀ। ଆଜିର ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ମୋତେ କିଛି କହିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ବହୁବର୍ଷ ବିଦେଶୀ ଶାସନାଧୀନ ରହି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା। ଆମ ଦେଶ ପାଇଁ ଏକ ଶାସନ ଖସଡ଼ା ତିଆରି ହେଲା ୧୯୫୦ ଜାନୁୟାରୀ ୨୬ ତାରିଖରେ। ତା'ପରେ ଆମ ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେଲା। ଏହି ଦିନଟିକୁ ଭାରତବର୍ଷରେ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଅଛି। ଏହା ହେଉଛି ଭାରତର ଗର୍ବ ଓ ଗୌରବ। ଏହି ଦିନରେ ସ୍କୁଲ, କଲେଜ ଓ ସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ କରାଯାଏ। ଜାତୀୟ ସଙ୍ଗୀତ ଗାନ କରାଯାଏ। ଏହିଦିନ ରାଷ୍ଟ୍ରପତି ଦେଶ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଥାନ୍ତି। ଆମେ ଜାଣୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ତେଣୁ ସବୁ ଭାରତୀୟଙ୍କ ଲକ୍ଷ୍ୟ ଏକ ହେବା ଆବଶ୍ୟକ। ଆମେ ସମସ୍ତେ ଗୋଟିଏ ଦେଶ ଜନନୀର କୋଟି କୋଟି ସନ୍ତାନ। ସମସ୍ତେ ଏକତାବଦ୍ଧ ହୋଇ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧପରିକର ହେବା ଉଚିତ। ସମସ୍ତେ ଏହି ଆଦର୍ଶରେ ଅନୁପ୍ରାଣିତ ହେବା ଆମ ଗଣତନ୍ତ୍ର ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ଦିବସଟି ହେଉଛି ଆମ ପାଇଁ ଗର୍ବ ଓ ଗୌରବର ଦିନ। ❐



# ପିମ୍ପୁଡ଼ି ଏବଂ ଝିଣ୍ଟିକା



**କାଲେବ କୁନ୍ଦେଲ୍‌କାଲ୍**
ଫିଟର (୨୦୨୨-୨୦୨୪)

ଦିନେ ପିମ୍ପୁଡ଼ି ଏବଂ ଝିଣ୍ଟିକା ମଧ୍ୟରେ ଦେଖାହେଲା। ଦୁହେଁ ପରସ୍ପର ଭିତରେ ସମ୍ପର୍କ ସୃଷ୍ଟି କଲେ। ପିମ୍ପୁଡ଼ି ପରିଶ୍ରମୀ ଥିବାବେଳେ ଝିଣ୍ଟିକା ଅଳସୁଆ ଓ ଠକାମୀ ଥିଲା। ପିମ୍ପୁଡ଼ି ପ୍ରତିଦିନ ସକାଳୁ ଉଠି ସନ୍ଧ୍ୟା ପର୍ଯ୍ୟନ୍ତ ପରିଶ୍ରମ କରିଥାଏ ଏବଂ ଯେତିକି ଖାଇବାକୁ ଦରକାର ହୁଏ ସେତିକି ଖାଏ, ବଳକା ସବୁକୁ ସୁରକ୍ଷିତ କରି ରଖିଥାଏ। ଝିଣ୍ଟିକା ପ୍ରତିଦିନ ସୂର୍ଯ୍ୟ ବାହାରିଲା ପରେ ଉଠେ ଏବଂ ବୁଲି ବୁଲି ଗୋଧୂଳି ପୂର୍ବରୁ ଘରକୁ ଫେରିଆସେ। ଝିଣ୍ଟିକା ଦିନେ ସୂର୍ଯ୍ୟ ଉଠିବା ପୂର୍ବରୁ ଖାଦ୍ୟ ସନ୍ଧାନରେ ଗଲାବେଳେ ପିମ୍ପୁଡ଼ି ସହ ରାସ୍ତାରେ ଦେଖାହେଲା। ପିମ୍ପୁଡ଼ିକୁ ପଚାରିଲା କାହିଁକି ତମେ ଦିନସାରା ପରିଶ୍ରମ କରୁଛ ? ଝିଣ୍ଟିକାର ପ୍ରଶ୍ନ ଶୁଣି ପିମ୍ପୁଡ଼ି ଉତ୍ତର ଦେଲା ମୁଁ ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଖାଦ୍ୟ ସଞ୍ଚୟ କରି ରଖିଥାଏ। ଏକଥା ଝିଣ୍ଟିକା ଶୁଣି ଠୋ... ଠୋ... ହୋଇ ହସିଲା। ଝିଣ୍ଟିକା ପିମ୍ପୁଡ଼ିକୁ କହିଲା ମୋତେ ଦେଖ ବିନା ପରିଶ୍ରମରେ ମୁଁ ଖୁସିରେ ଉଡ଼ିବୁଲି ଖାଦ୍ୟ ଖାଉଛି। କିଛି ସମୟ ପରେ ସେଠାରୁ ପରସ୍ପର ବିଦାୟ ନେଲେ। କିଛି ମାସ ବିତିଗଲା ପରେ ଦିନେ ଭୟଙ୍କର ଝଡ଼ବତାସ ଆସିଲା। ଚାରିଆଡ଼େ ଖାଦ୍ୟର ଅଭାବ ଦେଖାଦେଲା। ଏମିତିକି ଘାସ ମଧ୍ୟ ଦେଖିବାକୁ ମିଳିଲା ନାହିଁ। ସେହି ସମୟରେ ପିମ୍ପୁଡ଼ି ନିଜେ ସାଇତି ରଖିଥିବା ଖାଦ୍ୟକୁ ଅଳ୍ପ ଅଳ୍ପ ବାହାରକରି ଖାଉଥାଏ। କିନ୍ତୁ ପିମ୍ପୁଡ଼ିର ସାଙ୍ଗ ଝିଣ୍ଟିକା ଖାଇବାକୁ ନ ପାଇ ଭୋକରେ ପ୍ରାଣ ହରାଇଲା।

ଏହି ଗଳ୍ପରୁ ଆମେ ଶିଖିଲୁ ଯେ ପିମ୍ପୁଡ଼ି କିଭଳି ପରିଶ୍ରମ କରୁଥିଲା। ଆମେ ମଧ୍ୟ ପିମ୍ପୁଡ଼ି ଭଳି ପରିଶ୍ରମ କରିଲେ ଜୀବନର ସଫଳତାର ପଥରେ ପହଞ୍ଚିପାରିବା। ❐



# ନାରୀ ସୁରକ୍ଷା

**ଦେବଦତ୍ତ ଦେଓ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ପୁରୁଷ ଓ ନାରୀର ସମ୍ମିଳନରେ ସମାଜ ଗଠିତ। ସମାଜରେ ନାରୀ ଓ ପୁରୁଷ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୋଟିକର ଅଭାବରେ ଆମର ସାମାଜିକ ଜୀବନ ଓ ପାରିବାରିକ ଜୀବନ ପଙ୍ଗୁ ହୋଇପଡ଼ିବ। କାରଣ ସୁସ୍ଥ ସମାଜ ଗଠନରେ ନାରୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ନାରୀ ହେଉଛି ପରିବାରର ସୂତ୍ରଧାର, ସୃଷ୍ଟିର ଆଧାର। ସଂସାରରେ ନାରୀ-ପୁରୁଷ ଉଭୟଙ୍କୁ ଏକ ନାରୀ ହିଁ ନିଜ ଗର୍ଭରେ ଧାରଣ କରିଥାଏ। ନାରୀ ଏକ ମମତାମୟୀ-ଧୈର୍ଯ୍ୟଶିଳା-ଜନନୀ-ଭଗିନୀ-ଜାୟା ଆଦି କାହିଁ କେତେ ରୂପରେ ସେ ଆମ ନିକଟରେ ବିଦ୍ୟମାନ। ଏସବୁ ଦୃଷ୍ଟିକୋଣରୁ ନାରୀର ସୁରକ୍ଷା ଏକାନ୍ତ ଆବଶ୍ୟକ।

ମହିଳା ସଶକ୍ତିକରଣ ଓ ନାରୀ ସୁରକ୍ଷା ନିମନ୍ତେ ରାଜ୍ୟ ଓ କେନ୍ଦ୍ରସ୍ତରରେ ବିଭିନ୍ନ ପ୍ରସ୍ତୁତି କରାଯାଇଛି। ବ୍ରିଟିଶ ଶାସନକୁ ସମାପ୍ତ କରି ଯେଉଁ ଆନନ୍ଦ ଓ ଗର୍ବରେ ସ୍ୱାଧୀନତା ଦିବସର ପୂର୍ତ୍ତି ପାଳନ କରୁଛେ, ସେହି ସ୍ୱାଧୀନ ଭାରତରେ ଆଜିର ନାରୀ ଅସୁରକ୍ଷିତ। ଦୀର୍ଘ ୭୭ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଆଜିର ନାରୀ ନିଜକୁ ସୁରକ୍ଷିତ ମନେକରିପାରୁ ନାହାନ୍ତି। ଦେଶର ଅର୍ଥନୀତି ସମୃଦ୍ଧି ସହ ସମାନ୍ତରାଳରେ ବଢ଼ି ଚାଲିଛି ମହିଳାଙ୍କ ପ୍ରତି ଅତ୍ୟାଚାର, ହିଂସା, ବଳାତ୍କାର, କନ୍ୟାଭ୍ରୁଣ ହତ୍ୟା, ଯୌତୁକ ଜନିତ ହିଂସା, ଯୌନ ଉତ୍ପୀଡ଼ନ, ନାବାଳିକା ଚୋରା ଚାଲାଣ, ଏସିଡ୍ ଆକ୍ରମଣ ଇତ୍ୟାଦି। ତେଣୁ ନାରୀ ଆଜି ଅସୁରକ୍ଷିତ। ଆମେ ନିଜକୁ ନିଜେ ଶାସନ କରୁଛନ୍ତି ବା ଆମ ଦେଶର ଏକ ବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ଆମେ ଗର୍ବ କରୁଛେ।

କିନ୍ତୁ ରାଜ୍ୟ ସରକାର, କେନ୍ଦ୍ରସରକାରଙ୍କ ତତ୍ପରତା, ନ୍ୟାୟିକ ବ୍ୟବସ୍ଥାର ଶୀଘ୍ରତା, ପୁଲିସର ସଜାଗତା ନିହାତି ଆବଶ୍ୟକ। ଏତଦ୍‌ବ୍ୟତୀତ ଜନସାଧାରଣଙ୍କ ସଚେତନତା ଓ ସାମାଜିକ ଦାୟିତ୍ୱବୋଧ ଏକାନ୍ତ କାମ୍ୟ। କାରଣ–

ଦେଶ ପ୍ରଗତିରେ ମୁଖ୍ୟ ନାରୀ ଭୂମିକା,
ନାରୀ ସୁରକ୍ଷା ହୁଏ ଦେଶର ରକ୍ଷା। ❐



# ଗଛ

**ଶ୍ରୀକାନ୍ତ ମୁଣ୍ଡା**
ଇଲେକ୍ଟ୍ରିସିଆନ୍ (୨୦୨୨-୨୦୨୪)

ଗଛ ଗୁଡ଼ିକ ଆମର ସର୍ବୋତ୍ତମ ବନ୍ଧୁ। ଏହା ଆମକୁ ଫୁଲ, ଫଳ, କାଠ, ଔଷଧୀୟ ପଦାର୍ଥ ଇତ୍ୟାଦି ଦେଇଥାଏ। ଗଛ ପରିବେଶକୁ ଥଣ୍ଡା ରଖେ, ତେଣୁ ତାଙ୍କୁ ପ୍ରାକୃତିକ ଶୀତଳୀକରଣ ଯନ୍ତ୍ର କୁହାଯାଏ। ଲୋକମାନେ ଗଛକୁ କାଟି ଘର ତିଆରି କରନ୍ତି। ପକ୍ଷୀମାନେ ଗଛରେ ବସାକରି ରହିଥାଆନ୍ତି। ଆମେ ସମସ୍ତେ ଗଛ ବିନା ବଞ୍ଚି ପାରିବା ଅସମ୍ଭବ ହୋଇପଡ଼େ। ଗଛ ଆମକୁ ଛାଇ ଏବଂ ସୁରକ୍ଷା ଯୋଗାଇବା ସହିତ ଆମ୍ଭମାନଙ୍କୁ ଖାଇବାକୁ ଦେଇଥାଏ। ସେ ଅଙ୍ଗାରକାମ୍ଳ ନେଇ ଆମକୁ ଅମ୍ଳଜାନ ଦିଏ। ଗଛ କାଟିବା ପାଇଁ ନିୟମ ଅଛି। କିନ୍ତୁ ଆମେ ଅନିୟମିତ ଭାବରେ ଗଛ ଗୁଡ଼ିକ ନଷ୍ଟ କରୁଛୁ। ଅଧିକ ଗଛର ଅର୍ଥ କମ୍ ପ୍ରଦୂଷଣ ହୋଇଥାଏ। ତେଣୁ ଆମେ ସମସ୍ତେ ଗଛକୁ ନଷ୍ଟ ନ କରି ସୁରକ୍ଷିତ ରଖିବାକୁ ଚେଷ୍ଟାକରିବା, ଯାହାଦ୍ୱାରା ଗଛ ଆମକୁ ସୁରକ୍ଷା ଦେବ। ଗଛ ପାଇଁ ଆମେ ଫୁଲ-ଫଳ ଇତ୍ୟାଦି ଖାଇବାକୁ ପାଉ। ସେଥିପାଇଁ ଆମେମାନେ ଗଛକୁ ନଷ୍ଟ ନ କରିବା ଉଚିତ। ଆସ ଗଛକୁ ସବୁବେଳେ ଯତ୍ନ କରବା।

ନିଜ ନିଜର ଜନ୍ମଦିନରେ ପ୍ରତିବର୍ଷ
ଲଗାଇବା ଆଉ ଯତ୍ନନେବା ଗୋଟେ ଗଛ। ❐



# ଉପକାରୀ ବାଳକ

**ଦେବଦତ୍ତ ବିଶ୍ୱାଳ**
ଇଲେକ୍‌ଟ୍ରିସିଆନ୍ (୨୦୨୧-୨୦୨୩)

ଗୋଟିଏ ଗାଁରେ ଗୋପାଳ ନାମରେ ବାଳକଟିଏ ଥିଲା। ସେ ଥିଲା ବହୁତ ଭଲ ଓ ବୁଦ୍ଧିମାନ। ଗାଁର ସବୁ ଲୋକେ ତାକୁ ବହୁତ ଭଲ ପାଉଥିଲେ। ଗୋଟେ ଶୀତଦିନର ଘଟଣା- ଗୋପାଳର ପଡ଼ିଶା ଘରେ ଜଣେ ଗରିବ ଲୋକ ରହୁଥିଲେ। ସେ ବହୁତ ଅସୁସ୍ଥ ଥିଲେ। ତେଣୁ ତାଙ୍କୁ ବହୁତ ଶୀତ ହେଉଥିଲା। ତାଙ୍କ ଘରେ ଆଉ କେହି ନ ଥିଲେ ଖଣ୍ଡେ କାଠକାଟି ଘରେ ପହଞ୍ଚାଇ ଦେବାକୁ।

ଗୋପାଳକୁ ଯେତେବେଳେ ଏକଥା ଜଣାପଡ଼ିଲା, ସେ କାଠ ଆଣିବାପାଇଁ ଜଙ୍ଗଲକୁ ଗଲା। ଜଙ୍ଗଲରେ ଯେଉଁଠି କାଠ କାଟୁଥିଲା, ତାରି ପାଖରେ ଚୋରମାନଙ୍କର ଲୁଚିବା ସ୍ଥାନ ଥିଲା। କିନ୍ତୁ ଗୋପାଳ ଏ ବିଷୟରେ କିଛି ଜାଣି ନ ଥିଲା। ଚୋରମାନଙ୍କର ସର୍ଦ୍ଦାର ଗୋପାଳକୁ ଦେଖି ପଳାଇଲା। ସେ ଭାବିଲା ସେହି ପିଲାଟି ତାଙ୍କ ଲୁଚିବା ସ୍ଥାନ ଦେଖିଦେଇଛି। ତେଣୁ ସେ ଯାଇ ସମସ୍ତଙ୍କୁ କହିଦେବ। ତାପରେ ସମସ୍ତେ ଧାଇଁ ଆସିବେ ତାଙ୍କୁ ଧରିବାକୁ। ସେଥିପାଇଁ ତାକୁ ମାରିବାପାଇଁ ଚୋର ସର୍ଦ୍ଦାର ଗୋଟିଏ ଧାରୁଆ ଛୁରୀଧରି ତା ପାଖକୁ ଗଲା। କିନ୍ତୁ ସେ ଗଲାବେଳେ ବାଟରେ ଝୁଣ୍ଟି ପଡ଼ିଲା। ଯାହାଫଳରେ ସେ ତଳେ ପଡ଼ିଗଲା ଏବଂ ଛୁରୀ ତାର ପାଦରେ ଗଳିଗଲା। ପଡ଼ିବା ଶବ୍ଦ ଶୁଣି ଗୋପାଳ ଗଛ ଉପରୁ ଦେଖିଲା। ଚୋର ସର୍ଦ୍ଦାରର ପାଦରୁ ରକ୍ତ ବାହାରୁଛି। ସେ ଶୀଘ୍ର ଗଛରୁ ଓହ୍ଲାଇ ସର୍ଦ୍ଦାର ପାଖକୁ ଆସି, ତା ନିଜ ସାର୍ଟରୁ ଖଣ୍ଡେ ଚିରି ସର୍ଦ୍ଦାରର କଟା ସ୍ଥାନକୁ ବାନ୍ଧିଦେଲା। ତା'ପରେ ଚୋର ସର୍ଦ୍ଦାର ଗୋପାଳକୁ ଧନ୍ୟବାଦ ଜଣାଇ ତାକୁ ଛାଡ଼ିଦେଲା। ଗୋପାଳ କାଠ ନେଇ ଘରକୁ ଗଲା ଏବଂ ସେ ଗରୀବ ଲୋକକୁ ଦେଲା। ଏହିପରି ଗୋପାଳ ସମସ୍ତଙ୍କର କିଛନା କିଛି ଉପକାର କରୁଥିଲା।

'କଲେ ପର ଉପକାର, ହୁଏନାହିଁ ଅପକାର।' ❐

# ଓଡ଼ିଆ ଜୋକ୍

**ବାପା:** ଶୁଣ ପୁଅ, ତୁ ଯଦି ଏଥର ପରୀକ୍ଷାରେ ଫେଲ୍ ହେବୁ ତେବେ ମୋତେ ବାପା ଡାକିବୁ ନାହିଁ। କିଛିଦିନ ପରେ...

**ବାପା:** ତୋର ରେଜଲ୍ଟ କ'ଣ ହୋଇଛି କିରେ ?

**ପୁଅ:** ମୋ ମୁଣ୍ଡ ଖରାପ କରନି କୈଳାସ ବାବୁ, ତମେ ବାପା ହେବାର ହକ୍ ହରେଇ ବସିଛ।

. . . . . . . . . . .



**ଅଧ୍ୟାପକ:** ପିଲେ ପ୍ରେମ ଓ ଭଲ ପାଇବା ଭିତରେ କ'ଣ ଫରକ ଅଛି କହିଲ ?

**ମଣ୍ଟୁ:** ସାର୍, ଆପଣ ନିଜ ଝିଅକୁ ଭଲ ପାଇଲେ ତାକୁ ଭଲ ପାଇବା କୁହାଯିବ, କିନ୍ତୁ ମୁଁ ଆପଣଙ୍କ ଝିଅକୁ ଭଲ ପାଇଲେ ତାକୁ ପ୍ରେମ କୁହାଯିବ।

**ଅଧ୍ୟାପକ:** ବଦମାସ୍ ଟୋକା, ତତେ ଦଉଛି ରହ।

❐



# ମୋ ମା'

**ପ୍ରମୋଦ ବିଶ୍ୱାଳ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ପ୍ରଥମେ ମା' ହେଉଛନ୍ତି ଯିଏ ଆମକୁ ଜନ୍ମ ଦିଅନ୍ତି। ମା'ଠୁ ଏ ଦୁନିଆରେ ବଡ଼ କେହି ନାହାଁନ୍ତି।

ମାତା ଏପରି ଏକ ଶବ୍ଦ, ଯାହାର ଗୁରୁତ୍ୱ ବିଷୟରେ କମ୍ ଆଲୋଚନା କରାଯାଏ। ସମଗ୍ର ବିଶ୍ୱରେ ଯନ୍ତ୍ରଣା ଭୋଗିବା ପରେ ମଧ୍ୟ ଜଣେ ମା' ନିଜ ସନ୍ତାନକୁ ସର୍ବୋତ୍ତମ ଉପରେ ଦେଖିବାକୁ ଚାହେଁ।

ମା'ର ସ୍ନେହ ସଦା ସର୍ବଦା ନିଜର ସନ୍ତାନ ପ୍ରତିଥାଏ। ସେ କେବେ ବି ନିଜର ସନ୍ତାନକୁ କଷ୍ଟରେ ଥିବାର ଦେଖିପାରେ ନାହିଁ। ମା'ର ଏହି ସ୍ନେହ ସବୁବେଳେ ଅମର ରହେ।

ଜଣେ ମା' ନିଜ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି। ମା' ଆମମାନଙ୍କୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ଦୁଃଖ କଷ୍ଟ ସହି ବଡ଼ କରିଥାନ୍ତି। ମା'ର ଏହି ଭଲପାଇବା ସନ୍ତାନଙ୍କ ପ୍ରତି ସବୁବେଳେ ରହିଥାଏ।

ଏହି କାରଣରୁ ମା'ଙ୍କୁ ମଧ୍ୟ ପୃଥିବୀରେ ଭଗବାନଙ୍କ ରୂପ ଭାବରେ ବିବେଚନା କରାଯାଏ। ତେଣୁ ଆମେ ମା'ଙ୍କୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରିବା ଉଚିତ।

ଏହା ହିଁ ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ଅଟେ। ମା' ଏକ ଶବ୍ଦ କିମ୍ବା ବ୍ୟକ୍ତି ନୁହଁନ୍ତି ବରଂ ଏକ ଅନୁଭବ ଯାହା ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟକର।

ମାତା ହେଉଛନ୍ତି ଜୀବନର ପ୍ରଥମ ଶିକ୍ଷକ। ମା' କେବଳ ଆମକୁ ସ୍ନେହ କରନ୍ତି ନାହିଁ, ଦୈନନ୍ଦିନ କାର୍ଯ୍ୟ କିପରି କରାଯାଏ ସେସବୁ ମଧ୍ୟ ଶିଖାନ୍ତି।

ଏକ ମା' ଏବଂ ପିଲାଙ୍କ ମଧ୍ୟରେ ସମ୍ପର୍କ ସବୁଠାରୁ ମୂଲ୍ୟବାନ ଅଟେ।

ମା' ବିଷୟରେ ଯେତେବି ଲେଖିଲେ, ବହୁତ କମ୍ ହୋଇଯାଏ। ମା' ଏମିତି ଏକ ଶବ୍ଦ, ଯାହାର ଆରମ୍ଭ ନାହିଁ କି ଶେଷ ମଧ୍ୟ ନାହିଁ।



ପ୍ରତ୍ୟେକ ମଣିଷ ଜୀବନରେ ପ୍ରଥମେ ମା' ହିଁ ଆସିଥାନ୍ତି। ମା'ର ମମତା ଓ ତାର ସ୍ନେହ ସନ୍ତାନକୁ ବଡ଼କରେ।

**ନିଜର ଅନୁଭୂତି:**

ମୋ ମତରେ ମା'ର ଏହିସବୁ କାର୍ଯ୍ୟ ସନ୍ତାନମାନଙ୍କୁ ବହୁତ ଉପରକୁ ନେଇଥାଏ। ସେଥିପାଇଁ ତ ମା'ର ଋଣ କେବେ ବି ଶୁଝି ହୁଏନି। ଯେବେ ବି ଆମର ଦେହ କିଛି ଖରାପ ଥାଏ, ସେତେବେଳେ ମା' ବହୁତ କଷ୍ଟ ଅନୁଭବ କରେ। ମା' ହେଉଛି ପୃଥିବୀଠାରୁ ବୃହତ୍ତମ।

ମା' ମନରେ କେବେ ବି କୌଣସି ସନ୍ତାନମାନେ ଦୁଃଖ ଦିଅନ୍ତୁ ନାହିଁ। ନିଜ ମା'ଙ୍କୁ ଭଲ ପାଇବା ଉଚିତ୍।

"ମା' ଚରଣ ନ ଛୁଇଁ, ଘରୁ ବାହାରିବା ନାହିଁ...
ମା' ଆଶୀର୍ବାଦ ଥିଲେ ଆମ ପାଶେ,
କେଉଁଠି ହାରିବା ନାହିଁ।" ❐



# ବୁଦ୍ଧି ଥିଲେ ଉପାୟ ମିଳେ

ସ୍ୱର୍ଣ୍ଣଚମ୍ପା ମାଝି
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ଗୋଟିଏ ଗାଁରେ ଘରମଣୀ ନାମକ ଗୋଟିଏ ଗାଈ ରହୁଥିଲା । ସେ ଜଙ୍ଗଲରେ ଚରୁଚରୁ ବାଟବଣା ହୋଇଗଲା । ଏମିତି ବୁଲୁବୁଲୁ ସେ ଗୋଟିଏ ମହାବଳ ବାଘ ଆଗକୁ ଆସିଗଲା । ବାଘ କହିଲା ମୁଁ ତୋତେ ଖାଇବି । ଘରମଣୀ ଡରିଗଲା ହେଲେ ବୁଦ୍ଧି ଖଟାଇ ଏକ ଉପାୟ ପାଞ୍ଚିଲା । ଘରମଣୀ ବାଘକୁ କହିଲା- ଆପଣ ହେଲେ ଜଙ୍ଗଲର ରାଜା । କେତେ ଜୀବଜନ୍ତୁଙ୍କୁ ଖାଇ ମୁହଁ ଦାନ୍ତ ଅସନା ହୋଇଯାଇଥିବ । ଆପଣ ପ୍ରଥମେ ଯାଆନ୍ତୁ ଝରଣା ପାଣିରେ ମୁହଁ ଧୋଇବେ ଏବଂ ଦାନ୍ତକୁ ପଥରରେ ପଜେଇ କରି ଆସି ମୋତେ ଖାଇବେ । ଏହା ଶୁଣି ବାଘ କହିଲା ହଉ ମୁଁ ଯାଉଛି ଝରଣା ପାଣିରେ ମୁହଁ ଧୋଇକି ଆସିବି । ଯେମିତି ବାଘ ଝରଣା କୂଳକୁ ଗଲା, ଘରମଣୀ ମଉକା ପାଇ ସେଠାରୁ ପଳେଇଗଲା । ହେଲେ ଯାଉ ଯାଉ ବାଟରେ ସନ୍ଧ୍ୟା ହୋଇଗଲା ଏବଂ ଘରମଣୀ ଗୋଟିଏ ଗୁମ୍ଫାରେ ଆଶ୍ରୟ ନେଲା । ହେଲେ ଘରମଣୀ ଜାଣି ନ ଥିଲା ଯେ ସେଇଟା ଗୋଟିଏ ସିଂହର ଗୁମ୍ଫା ବୋଲି । ସନ୍ଧ୍ୟା ହେଲା ପରେ ସିଂହ ତାର ଗୁମ୍ଫା ଭିତରକୁ ଯେମିତି ପଶିଲା ଦେଖିଲା ଅନ୍ଧକାରରେ ଆଖି ଦୁଇଟି ଚିକ୍‌ଚିକ୍ କରୁଛି । ସିଂହ ଗର୍ଜନ କରି ପଚାରିଲା- କିଏରେ ତୁ ? ଘରମଣୀ ଭାବିଲା ଏବେ ନିଶ୍ଚୟ ଜୀବନ ଯିବ । ତଥାପି ଏଥର ମଧ୍ୟ ସାହସ କରି କହିଲା- ମୁଁ ହେଉଛି ଧପଧପ୍ ରାଜା, ମୋ ଶିଙ୍ଗ ଦିଟା ଗୋଜା ଗୋଜା । ଏକ ସିଙ୍ଗରେ ଗଛକୁ ଭାଙ୍ଗେ, ଦ୍ୱିତୀୟ ଶିଙ୍ଗରେ ସିଂହକୁ ମାରେ । ଏହାଶୁଣି ସିଂହ ପ୍ରାଣବିକଳରେ ସେଠାରୁ ଯାଇ ଆଉ ପାଞ୍ଚ ଜଣ ସିଂହଙ୍କୁ ଧରି ଆଣିଲା । ଘରମଣୀ ସାହସ କରି କହିଲା ଏ ସିଂହ ତୋତେ ଦଶଟା ସିଂହ ଆଣିବାକୁ କହିଥିଲି ହେଲେ କ'ଣ ତୁ ପାଞ୍ଚ ଜଣଙ୍କୁ ଆଣିଛୁ । ଆସ ତୋତେ ଆଗେ ଖାଇବି । ଏହା ଶୁଣି ସିଂହମାନେ ଭାବିଲେ ଏଇ ସିଂହ ଆମକୁ ଏଠିକୁ ମାରିବା ପାଇଁ ନୁହେଁ, ମରିବା ପାଇଁ ଡକାଇଛି । ପ୍ରାଣ ବିକଳରେ ସିଂହମାନେ ଯିଏ ଯେଉଁଆଡ଼େ ପାରିଲେ ଧାଇଁଲେ । ଏହାପରେ ସକାଳ ହେବାରୁ ଘରମଣି ଘରକୁ ଫେରିଲା । ନିଜର ବୁଦ୍ଧି ଯୋଗୁଁ ଘରମଣୀ ନିଜଠାରୁ ଶକ୍ତିଶାଳୀ ଜନ୍ତୁଙ୍କଠାରୁ ମଧ୍ୟ ନିଜ ଜୀବନ ବଞ୍ଚେଇ ପାରିଲା । ❐





# କାହାକୁ କିଛି ଦେଇଛ ?

**ଦୀପକ ବେହେରା**
ଇଲେକ୍ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ଗୋଟିଏ ଟ୍ରେନ୍‌ରେ ଗୋଟିଏ ଭିକାରି ଭିକ ମାଗୁଥିଲା ଜଣେ ଧନି ବ୍ୟକ୍ତି ମଧ୍ୟ ସେ ଟ୍ରେନ୍‌ରେ ଯାଉଥିଲେ । ସେ ଯାଇ ସେ ଧନି ବ୍ୟକ୍ତିଙ୍କୁ ଭିକ ମାଗିଲା, ହେଲେ ସେ ଧନୀ ବ୍ୟକ୍ତିଜଣକ ସେ ଭିକାରିକୁ ପଚାରିଲେ- ତୁମ ଜୀବନରେ ତୁମେ କାହାକୁ କିଛି ଦେଇଛ କି ? ସେ ଭିକାରି ଜଣକ କହିଲା ନା ମୁଁ କାହାକୁ କିଛି ବି ଦେଇ ନାହିଁ, ତା'ପରେ ସେ ବ୍ୟକ୍ତି ଜଣକ କହିଲେ କି- ତମେ ତ ଜୀବନରେ କାହାକୁ କିଛି ଦେଇ ନାହଁ, ମୁଁ ତମକୁ କ'ଣ ପାଇଁ କିଛି ଦେବି, ଏହା ଶୁଣି ଭିକାରିର ମନଟି ଶୁଖିଗଲା । ପରେ ସେ ଟ୍ରେନ୍‌ରୁ ଓହ୍ଲାଇ ଘରକୁ ଚାଲିଗଲା । ସେଦିନ ରାତିରେ ତାକୁ ନିଦ ହେଲା ନାହିଁ । ତା'ପର ଦିନ ସେ କିଛି ଫୁଲ ନେଇ ଷ୍ଟେସନ୍‌କୁ ଗଲା, ତା'ପରେ ସେ ଫୁଲଗୁଡ଼ିକ ଲୋକମାନଙ୍କୁ ଦେଲା ଓ ଲୋକମାନେ ତାକୁ ମଧ୍ୟ କିଛି କିଛି ଟଙ୍କା ଦେଲେ । ସେ ଟଙ୍କାକୁ ଭିକାରି ଜଣକ ଖୁସିରେ ତା ମୁଣିରେ ରଖେ । କିଛି ଦିନଗଲା ସେ ଧନିବ୍ୟକ୍ତି ଜଣକ ତା ସହ ଭେଟ ହେଲେ ଓ ତାକୁ ନେଇ ଗୋଟିଏ ଫୁଲ ଦେଲେ ଓ ସେ ବ୍ୟକ୍ତି ଜଣକ ତାକୁ ୧୦ ଟଙ୍କା ଖୁସିରେ ଦେଲେ । ସେ ପୁଣି ତାକୁ ପଚାରିଲେ କି ଯେଉଁଠାରୁ ଫୁଲ ଆଣୁଛ ସେ ଗଛର ଧ୍ୟାନ ନେଉଛଟି । ସେ ଭିକାରି ଜଣକ ପୁଣି ଭାବିଲା କି ଏଇଟା ବି ସତ କଥା କି ମୁଁ ତ ଗଛ ଲଗେଇ ନାହିଁ ଗଛରେ ପାଣି ବି ଦେଇନାହିଁ ହେଲେ ସେଠାରୁ ଫୁଲ ଆଣୁଛି । ତା'ପରଠାରୁ ସେ ଖାଲିଜାଗା ଦେଖି ଗଛ ଲଗାଇବା ଆରମ୍ଭ କରିଦେଲା । ଦେଖୁ ଦେଖୁ ଷ୍ଟେସନର ଆଖପାଖ ପୁରା ଫୁଲରେ ଭରିଗଲା ଓ ସୁନ୍ଦର ମଧ୍ୟ ଦେଖାଗଲା । ତା'ପରେ ସେ ଭିକାରୀ ଜଣକ ଫୁଲ ତୋଡ଼ା ବିକ୍ରି କରିବାରେ ଲାଗିଲା । କିଛିଦିନ ପରେ ସେ ଧନୀ ବ୍ୟକ୍ତି ଜଣକ ଷ୍ଟେସନରେ ଟ୍ରେନ୍‌ର ଅପେକ୍ଷାରେ ବସିଥିଲେ ଓ ତାଙ୍କ ସାମ୍ନାରେ କୋଟ୍ ଓ ଜୋତାରେ ପୁରା ଫିଟ୍‌ଫାଟ୍ ହୋଇ ଜଣେ ବ୍ୟକ୍ତି ବସିଥିଲେ । ସେ ବ୍ୟକ୍ତି ଜଣକ ଧନୀ ବ୍ୟକ୍ତିଙ୍କୁ ପଚାରିଲେ କି ଆପଣ ମତେ ଜାଣି




ପାରୁଛନ୍ତି ? ସେ ଧନୀ ବ୍ୟକ୍ତି ଜଣକ ଉତ୍ତର ଦେଲେ କି ନା ମୁଁ ତ ତମକୁ ଜମା ଜାଣି ନାହିଁ । ପୁଣି ସେ ପଚାରିଲେ କି ଆମେ ତିନିଥର ଭେଟ ହୋଇସାରିଛେ । ପୁଣି ଧନି ବ୍ୟକ୍ତି ଉତ୍ତର ଦେଲେ କି ବ୍ୟସ୍ତଭରା ଜୀବନରେ ମୋର ଆଉ ମନେପଡୁ ନାହିଁ । ସେ ପଚାରିଲେ କି କେମିତି ଜାଣିଲେ ମତେ ? ବ୍ୟକ୍ତି ଜଣକ ଉତ୍ତର ଦେଲେ କି ମୁଁ ସେଇ ଭିକାରି, ଯାହାକୁ ଆପଣ କହିଥିଲେ କି- ଜୀବନରେ କେବେ 'କାହାକୁ କିଛି ଦେଇଛ... ?'

ଆଚ୍ଛା ତେବେ ଏ ପରିବର୍ତ୍ତନ କିପରି ! ସେ ଉତ୍ତର ଦେଲା ଆପଣ ହିଁ ତା ମୂଳ କାରଣ । ମୋର ଆପଣଙ୍କ ସହ ଦୁଇ ଥର ଭେଟ ହୋଇଛି ଓ ଦୁଇ ଥର ଯାକ ଆପଣ ବହୁ ମୂଲ୍ୟବାନ କଥା କହିଛନ୍ତି ଓ ସେ କଥାକୁ ମୁଁ ମୋ ଜୀବନରେ ପ୍ରୟୋଗ କରି ଏତେ ଉପରକୁ ଉଠିପାରିଛି ପୁଣି ସେ କହିଲା କି ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

ଆମେ ଏଥିରୁ ଶିକ୍ଷାଲାଭ କଲୁ ଯେ, ପ୍ରଥମତଃ ଅନ୍ୟକୁ ଦେବା ଶିଖ, ତେବେ ଭଗବାନ ତମକୁ ଦେବେ । ଦ୍ୱିତୀୟଟି ହେଲା କର୍ମ କରିଚାଲ, ଫଳ ଭଗବାନ ଦେବେ । ❐



# ମୋର ଆଇ.ଟି.ଆଇ ନେବାର କାରଣ...

**ସୁନିତା ସିଂ**
ଇଲେକ୍ଟ୍ରୋନିକ୍ସ ମେକାନିକ୍ (୨୦୨୧-୨୦୨୩)

ଆମ ପରିବାରରେ ସାତ ସଦସ୍ୟ ଅଛୁ। ବାପା, ମାଆ, ଜେଜେ ବାପା, ଜେଜେ ମାଆ, ଆଉ ମୋର ଦୁଇ ଭଉଣୀ। ମୋର ବାପା ଜଣେ ଭଲ ଚାଷୀ। ସେ ଚାଷ କରି ଆମ ଘରକୁ ଚଳାଇଛନ୍ତି। ମୋର ମାଆ ଘରଣୀ। ମୋର ଦୁଇ ଭଉଣୀ ପାଠ ପଢୁଛନ୍ତି। ଆମ ଘରର ବଡ଼ ମୁଁ। ଏବେ ଆମ ଘରର ଦାୟିତ୍ୱ ମୋ ଉପରେ। ମୁଁ ଦଶମ ପରେ ଆଇଟିଆଇ ନେବାର କାରଣ ଆମ ପରିବାରରେ ବାପା, ମାଆଙ୍କ ସବୁ ଆଶା ଭରସା ମୋ ଉପରେ କାରଣ ଘରର ବଡ଼ ଝିଅ ମୁଁ। ମୁଁ ଶୁଣିଥିଲି ମୋର ବଡ଼ ଭାଇ, ବଡ଼ ଭଉଣୀମାନେ କହୁଥିଲେ ଆଇଟିଆଇ ପାଠ ପଢ଼ିଲେ ବହୁତ ଶୀଘ୍ର ଚାକିରି ମିଳେ। ମୁଁ (କିସ୍)ରେ ସପ୍ତମ ଶ୍ରେଣୀରୁ ପାଠପଢୁଛି। ସେଠି ଶୁଣିବାକୁ ପାଇଲି ଆଇଟିଆଇ ପଢ଼ିଲେ ଶୀଘ୍ର ଚାକିରି ମିଳେ। ତେଣୁ ପିଲାଦିନୁ ମୁଁ ଭାବିଥିଲି ଯେ, ଦଶମ ପରେ ଆଇ.ଟି.ଆଇ ପାଠ ପଢ଼ିବି। ଆଉ ଭଲ ପାଠପଢ଼ି ଗୋଟେ ଭଲ ଚାକିରି କରିବି। ଚାକିରି କରି ମୋର ବାପା ମାଆଙ୍କୁ ଘର ଦାୟିତ୍ୱରୁ ବାହାର କରି ଘରର ସବୁ ଦାୟିତ୍ୱ ମୁଁ ଉଠେଇବି। ମୋର ବାପା ମୋତେ ସବୁବେଳେ କୁହନ୍ତି ଭଲରେ ପାଠପଢ଼, ଆଉ ଗୋଟେ ଭଲ ଚାକିରି କର ଯେମିତିକି ମୋ ଉପରେ ଆଉ ତୁମେମାନେ ନିର୍ଭରଶୀଳ ହେବ ନାହିଁ। ନିଜ ଗୋଡ଼ରେ ନିଜେ ଠିଆହେବ। ଏବେ ମୁଁ ଅଛି ବୋଲି ସିନା ଘରକୁ ଚଳଉଛି ମୋର ଯଦି ହଠାତ୍ କିଛି ହୋଇଯିବ ସେତେବେଳେ ତୁ କ'ଣ କରିବୁ? ତୋର ଦୁଇ ଭଉଣୀ ମଧ୍ୟ ଅଛନ୍ତି ସେମାନେ ତ ଛୋଟ ଛୋଟ ନା! ସେଥିପାଇଁ ତତେ କହୁଚି, ଭଲରେ ପଢ଼ ଆଉ ଭଲ ଚାକିରି କର ଯେମିତିକି ଘରକୁ ଚଳେଇ ପାରିବୁ। ଦୁଃଖ ଲାଗେ ବାପାଙ୍କ କଥା ଶୁଣି। ମାଆ ମଧ୍ୟ କୁହନ୍ତି ଭଲରେ ପାଠ ପଢ଼ି ଭଲ ଚାକିରି ଗୋଟେ କର ଆମର ତ ବୟସ ଯାଉଛି। କିଏ ତୁମମାନଙ୍କୁ ଚଳେଇବ ତୁମମାନଙ୍କର ତ ଭାଇ ବି ନାହାଁନ୍ତି, ସେସବୁକୁ ଚିନ୍ତାକରି ପାଠ ପଢ଼। ଏ ସବୁକୁ ଚିନ୍ତାକରି ଦୁଃଖ ଲାଗେ। ସେଥିପାଇଁ ଭାବିଲି ଆଇ.ଟି.ଆଇ ଛଡା ଆଉ କୌଣସି ପାଠ ପଢ଼ିବିନି। ମୋର ବାପା ମାଆଙ୍କୁ ଏ ଦୁଃଖରୁ ମୁକୁଳେଇବାକୁ ମୋର ଇଚ୍ଛା। ସତରେ ବାପା, ମାଆ ଯେତିକି ଚିନ୍ତା କରନ୍ତି ଏ ଦୁନିଆରେ କେହି ସେତିକି ଚିନ୍ତା କରିପାରିବେନି। ବାପା, ମାଆ ସବୁବେଳେ ଚାହାଁନ୍ତି ମୋର ପିଲାମାନେ ସବୁବେଳେ ଖୁସିରେ ରୁହନ୍ତୁ। ବାପା, ମାଆଙ୍କ ଋଣ କେହି ସୁଝିପାରିବେନି ଦୁନିଆରେ। ସେତିକି ଲେଖି ସମାପ୍ତ କରୁଛି ନମସ୍କାର। ❐



# ମା'

**ବିଶ୍ୱନାଥ ବେହେରା**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ଏ ସ୍ୱାର୍ଥପର ଦୁନିଆଁରେ ଜଣଙ୍କୁ ଛାଡ଼ିଦେଲେ ଆଉ କେହି କାହାର ଭଲ ଚିନ୍ତା କରନ୍ତି ନାହିଁ ଓ ବିନା ସ୍ୱାର୍ଥରେ କେହି କେବେ କାହାର ଭଲ ଚାହାନ୍ତି ନାହିଁ। କିନ୍ତୁ 'ମା' ହିଁ ଜଣେ ଯିଏକି ବିନା ସ୍ୱାର୍ଥରେ ବି ବହୁତ କିଛି କରିଯାଆନ୍ତି। ମୋ ଜୀବନକାଳ ମଧ୍ୟରେ ମୁଁ ମୋ ମା'ଙ୍କ ଋଣ କେବେ ସୁଝିପାରିବି ନାହିଁ। ମୁଁ ତାଙ୍କ ପାଇଁ ଯେତେ ଯାହା କଲେ ମଧ୍ୟ ତାହା ତାଙ୍କ ଆଗରେ ସବୁ ଛୋଟ। ଛୁଆଟୁ ବେଳୁ ସେ ଆଜି ପର୍ଯ୍ୟନ୍ତ କେବେ ବି ମୋତେ କହି ନାହାନ୍ତି କି ମୋତେ ଟିକେ ଗଣନା ଶିଖାଇ ଦେ, ତଥାପି ମୁଁ ମୋ ମା'ଙ୍କୁ ୩ଟି ରୁଟି ମାଗେ ତା' ହେଲେ ସେ ମୋତେ ୪ଟି ଦେଇଦିଅନ୍ତି। ନିଜେ ନ ଖାଇକି ଆଗ ଆମକୁ ଖାଇବା ପାଇଁ ଦିଅନ୍ତି। ସେଥିପାଇଁ ତ ମା' ମୋ ପାଖରେ ଥିଲେ ଏମିତି ଲାଗେ ଯେମିତି ଦୁନିଆଁର ସବୁ ଖୁସି ମୋ ପାଖରେ ଅଛି। ସମସ୍ତେ କୁହନ୍ତି ଭଗବାନ ଏ ଦୁନିଆରେ ଅଛନ୍ତି ସତ କିନ୍ତୁ କେହି ଦେଖିନାହାନ୍ତି ବୋଲି, କିନ୍ତୁ ମୁଁ ମୋ ମା'ଙ୍କୁ ହିଁ ଭଗବାନ ମାନେ ସେଥିପାଇଁ ମୋତେ ଲାଗେ ଯେମିତି ମୁଁ ସତସତିକା ଭଗବାନଙ୍କୁ ଦେଖିଛି। ମା'ଙ୍କୁ ହିଁ ମୁଁ ମୋର ପ୍ରଥମ ଗୁରୁ ମାନିଛି କାହିଁକି ନା ମା' ହିଁ ମୋତେ ଶିକ୍ଷା ଦେଇଛନ୍ତି କ'ଣ କରିବା ଭଲ ଓ କ'ଣ କରିବା ଖରାପ ଓ ଲୋକଙ୍କ ସହିତ କେମିତି କଥାବାର୍ତ୍ତା କରାଯାଏ ସେ ସବୁ ମୋତେ ଛୋଟ ବେଳୁ ମା' ହିଁ ଶିଖାଇଛନ୍ତି।

ମା'... ମୋ ମା', ମା'... ଆମ ମା'
ସବୁବେଳେ ଯିଏ ନିଜ ସନ୍ତାନଙ୍କ କଥା ଭାବେ, ସିଏ ମା'
ନିଜେ ନ ଖାଇକି ପିଲାଙ୍କୁ ଦିଏ ଯେ ସିଏ ପରା, ଆମ ମା'
ଦେହ ଖରାପରେ ରାତି ରାତି ଧରି ଜଗି ରୁହେ ଯିଏ, ମା'
ଯାହା ବିଷୟରେ ଲେଖିଲେ କହିଲେ ସରିବନି, ସିଏ ମା'।

❐



# ଜୟ ମା' ଚର୍ଚ୍ଚିକା

**ସୁମନ ମହାପାତ୍ର**
ଇଲେକ୍ଟ୍ରିସିଆନ୍ (୨୦୨୨-୨୦୨୪)

ବାଙ୍କୀଠାରେ ମା' ଚର୍ଚ୍ଚିକା ମନ୍ଦିର ଅବସ୍ଥିତ। ମନ୍ଦିରଟି ରୁଚିକ ବାସିନୀ ପାହାଡ଼ ଉପରେ ଅବସ୍ଥିତ ହୋଇଛି ଏବଂ ଓଡ଼ିଶାର ୮ଟି ଶକ୍ତିପୀଠ ମଧ୍ୟରୁ ବାଙ୍କୀର ଚର୍ଚ୍ଚିକା ମନ୍ଦିର ଅନ୍ୟତମ। ଶକ୍ତିପୀଠରେ ମା' ଅଷ୍ଟଭୂଜା ଚାମୁଣ୍ଡା ଦେବୀ ମା ଚର୍ଚ୍ଚିକା ନାମରେ ପୂଜା ପାଉଛନ୍ତି। ମା' ଚର୍ଚ୍ଚିକାଙ୍କ ପୀଠକୁ ମଧ୍ୟ ପର୍ଶୁରାମ ପୀଠ ବୋଲି କୁହାଯାଏ। ସେଠାରେ ପର୍ଶୁରାମ ତାଙ୍କର ମାତୃହତ୍ୟା କରି ମା ଚର୍ଚ୍ଚିକାଙ୍କୁ ପ୍ରାର୍ଥନା କରିଥିଲେ ଏବଂ ସେଥିରେ ସିଧହସ୍ତ ହୋଇଥିଲେ ପର୍ଶୁରାମ ପ୍ରାର୍ଥନା କରିଥିବା ସ୍ଥାନରେ ଏକ ପଥର ଅଛି ଏବଂ ସେହି ପଥର ମଧ୍ୟ ବଢୁଛି। ପର୍ଶୁରାମ ତାଙ୍କ ମାତୃହତ୍ୟା କଲାବେଳେ ସେଠାରେ ଏକ ରକ୍ତର ନଦୀ ବୋହିଥିଲା। ତା'ର ନାମ ହେଉଛି ରୁଚିକା ନଦୀ। ମା' ଚର୍ଚ୍ଚିକାଙ୍କ ପୀଠରେ ଅଷ୍ଟମୀରେ ସବୁଠାରୁ ବଡ଼ ପୂଜା ହୋଇଥାଏ ଏବଂ ସେହିଦିନ ରାତି ୧୨ଟାରେ ପଣ୍ଡା ବଳି ଦିଆଯାଇଥାଏ। ଅଷ୍ଟମୀରେ ବାଙ୍କୀ ରାଜାଙ୍କ ଘରୁ ଆସିଥିବା ଉସୁନା ଧାନ ମଧ୍ୟ ଗଜା ହୋଇଥାଏ। ପୁରୀରେ ରଥ ଭିଡ଼ା ଆଗରୁ ପୁରୀର ରାଜା ଆସି ବାଙ୍କୀ ଚର୍ଚ୍ଚିକା ମନ୍ଦିରପୀଠରୁ ଫୁଲମାଳ ନେଇଥାଆନ୍ତି ତା ପରେ ଯାଇ ପୁରୀରେ ରଥଭିଡ଼ା ହୋଇଥାଏ। ମା ଚର୍ଚ୍ଚିକା ସବୁଦିନ ନୂଆ ଲୁଗା ଏବଂ ନୂଆ ବେଷରେ ପୂଜା ପାଇଥାନ୍ତି। ❐



# ନିଆରା ପ୍ରେମ କାହାଣୀ

**ଗୋଲେଖ ବାରିକ**
ଇଲେକ୍‌ଟ୍ରିସିଆନ୍ (୨୦୨୨-୨୦୨୪)

ଗୋଟିଏ ସହରର ଏକ ସ୍କୁଲରେ ଦେଖାହେଲା ପ୍ରଥମ ଥର ଦୁଇ ସାଙ୍ଗଙ୍କର। ସେଥିରେ ଜଣଙ୍କ ନାମ ଥିଲା ରିଶି ଓ ଅନ୍ୟ ଜଣେ ମାମା। ସେ ଦୁହେଁ କେବେହେଲେ ପରସ୍ପର ନିଜ ଭିତରେ କଥା ହୁଅନ୍ତି ନାହିଁ। ରିଶି ବହୁତ ଶାନ୍ତ ସରଳ ପିଲା। ସେ ସ୍କୁଲରେ ଭଲ ପଢ଼େନି କିନ୍ତୁ ସାର୍, ମାଡ଼ାମ୍ ମାନେ ତାଙ୍କୁ ଭଲ ପାଆନ୍ତି। ସେ ତା ବ୍ୟବହାରରେ ପରିଚୟ ଗଢ଼ିଥିଲା।



କଥାରେ ଅଛି 'ପାଠ ପଢ଼ ନ ହେଲେ ଶାଠ କର।' କିନ୍ତୁ ନିଜ ବ୍ୟବହାରରେ ବି ନିଜର ପରିଚୟ ଜାଣିହୁଏ। ସବୁଦିନ ପରି ଦୁଇ ଜଣ ସ୍କୁଲ ଆସି ପାଠ ପଢ଼ି ଘରକୁ ଫେରନ୍ତି, କିଛି ଦିନ ଏମିତି ଗଲା। ଗୋଟେ ଦିନ କିଛି ଝିଅପିଲା ସାଙ୍ଗହୋଇ କଥାବାର୍ତ୍ତା ହେଉଥାନ୍ତି। ସେମାନଙ୍କ ମଧ୍ୟରେ ରିଶିର ନାମ ପଡ଼ିଲା। ସେହି ସମୟରେ ଆସି ସେମାନଙ୍କ ପାଖରେ ପହଞ୍ଚିଲା ମାମା। ସେଠାରେ ତା ସାଙ୍ଗମାନେ କଥା ହେଉଥିଲେ ଯେ ନାରୀମାନଙ୍କୁ ସମ୍ମାନ ଓ ଗୁରୁଜନମାନଙ୍କୁ ସମ୍ମାନ ଦେବା, ଯାହାକି ରିଶି ଦେଇଥାଏ। ଅନ୍ୟ ପିଲା ସାର୍‌ମାନଙ୍କୁ ଅସମ୍ମାନ ଦେବା ଓ ଝିଅମାନଙ୍କୁ କମେଣ୍ଟ୍ ମାରିବା ତଥା ଖରାପ ବ୍ୟବହାର କରୁଥିଲେ। ସେହି ଆଲୋଚନାରୁ ମାମା ମନରେ ରିଶି ପାଇଁ ଏକ ଭାବନା ସୃଷ୍ଟି ହେଲା। ଏମିତି କିଛି ଦିନ ଗଲାପରେ ଦିନେ ମାମା ବାଟରେ ଯାଉଥିବା ବେଳେ ଗୋଟିଏ ମନ୍ଦିର ପାଖରେ ଗୋଟିଏ ଅନ୍ଧଲୋକଟେ ଚାଲି ଚାଲି ଯାଉଥିଲା। ସେହି ବାଟରେ ଯାଉଥିବାବେଳେ ସେହି ଅନ୍ଧର ବାଡ଼ିଟି ହାତରୁ ଖସିପଡ଼ି ରାସ୍ତା ତଳକୁ ଗଡ଼ିଗଲା। ସେହି ସମୟରେ ସେହି ବାଟରେ ଯାଉଥିଲା ରିଶି, ସେ ଅନ୍ଧ ଲୋକଟିକୁ ତାର ବାଡ଼ିଟେ ଖୋଜୁଥିବାର ଦେଖି ସଙ୍ଗେ ସଙ୍ଗେ ତା ପାଖକୁ ଗଲା। ସେତେବେଳେ ମାମା ମଧ୍ୟ ସେ ଅନ୍ଧ ଲୋକର ସାହାଯ୍ୟ କରିବାକୁ ତା' ପାଖରେ ପହଞ୍ଚିଲାଣି କିନ୍ତୁ ରିଶି ତା'ର ବାଡ଼ି ଆଣି ତାଙ୍କୁ ଧରାଇ ବାଟ ଦେଖାଇ ଛାଡ଼ିଲା। ସେତେବେଳେ ମାମା ତାଙ୍କ ପଛରେ ପହଞ୍ଚି ସବୁ ଦେଖୁଥାଏ। ମାମାକୁ ଦେଖି ରିଶି ଟିକେ ରାଗିଗଲା। ସେ ତାକୁ କହିଲା କି, ଅନ୍ଧ ଲୋକଟିକୁ ସାହାଯ୍ୟ ନ କରି ପଛରୁ ଦେଖୁଛ। ତାପରେ ମାମା କହିଲା, ମୁଁ ତାଙ୍କୁ ଦେଖି ସାହାଯ୍ୟ କରିବା ପାଇଁ ଆସୁଥିଲି। ତା' ପରେ, ଦୁଇ ଜଣଙ୍କର କଥାବାର୍ତ୍ତା ଚାଲିଲା। ମାମାକୁ ରିଶିର ବ୍ୟବହାର ବହୁତ ପସନ୍ଦ ଆସିଲା। ସେ ରିଶିକୁ ମନେମନେ ଭଲପାଇ ବସିଲା। ଏହା ପରେ ଦୁଇ ଜଣ ଏମିତି କିଛିଦିନ ମିଶିଲା ପରେ ଦିନେ ମାମା ତା'ର ମନର କଥା ରିଶିକୁ କହିଲା। ରିଶି ମଧ୍ୟ ମାମାକୁ ପସନ୍ଦ କରୁଥିଲା, ଏମିତି ଦୁଇ ଜଣ ସାଙ୍ଗ ହୋଇ ପାଠ ପଢ଼ିଲେ। ଭଲ ନମ୍ବର ରଖି ଉଭୟ ଦଶମ ପାସ୍ ମଧ୍ୟ କଲେ। ଏପରିକି ଏକା କଲେଜରେ ମଧ୍ୟ ମିଶିକରି ପଢ଼ିଲେ। ତାଙ୍କ, ସାଙ୍ଗମାନେ ମଧ୍ୟ ତାଙ୍କ ଭଲ ପାଇବାକୁ ଦେଖି 'ନିବିଡ଼ ଭଲ ପାଇବା' ବୋଲି ଭାବୁଥିଲେ। ସେ ଜାଣିଥିଲେ ଯେ ଉଭୟ କେବେ ବି ଅଲଗା ହେବେନି। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ଦୁଇ ଜଣ ତାଙ୍କର କଲେଜ୍ ପଢ଼ା ସାରି ଅନ୍ୟ ପାଠ ପଢ଼ିବାକୁ ଲାଗିଲେ। କିନ୍ତୁ ଆପଣମାନେ ଜାଣିଥିବେ ଝିଅପିଲା ମାନଙ୍କୁ ଘରେ ସପୋର୍ଟ୍ କରନ୍ତି ନାହିଁ। ସେ ଯେତେ ଭଲ ପଢ଼ିଲେ ବି ତାଙ୍କୁ ଅନ୍ୟ ଘରକୁ ବାହାଘର କରି ପଠାଇ ଦିଆଯାଏ। ଏହିପରି ପରିସ୍ଥିତି ଆସିଲା ମାମା ଘରେ। ତା' ପାଇଁ ବହୁତ ଭଲ ପ୍ରସ୍ତାବ ଆସିଲା। ମାମା ତା'ର ଭଲ ପାଇବା କଥା ତାଙ୍କ ଘରେ କହିଲା। ମାମା ଘର ଲୋକେ ରିଶିର ରୋଜଗାର କଥା ପଚାରିଲେ। ସେତେବେଳେ କିନ୍ତୁ ରିଶିର ପାଠପଢ଼ା ଚାଲିଥାଏ। ଏହା ଜାଣିବା ପରେ ମାମା ଘରେ କହିଲେ ରିଶିକୁ ଭୁଲିଯିବା ପାଇଁ। ଏହା ଜାଣିଲା ପରେ ମାମା ଭାଙ୍ଗିପଡ଼ିଲା ଏବଂ ସବୁ କଥା ରିଶିକୁ କହିଲା। କିଛିଦିନ ପରେ ମାମା ପାଇଁ ଏକ ସରକାରୀ ଚାକିରିଆ ପ୍ରସ୍ତାବ ଆସିଲା। ମାମା ଘରେ ସମସ୍ତେ ପ୍ରସ୍ତାବରେ ରାଜି ହୋଇଗଲେ। ମାମାକୁ ମଧ୍ୟ ବହୁତ ପସନ୍ଦ କଲେ। ଯଥାଶୀଘ୍ର ବାହାଘର ପାଇଁ ମଧ୍ୟ ପ୍ରସ୍ତାବ ଦେଇଗଲେ। ଏହାପରେ ମାମା ରିଶିକୁ ସବୁ କହିଲା। ମାମା ରିଶିକୁ କହିଲା, ତାକୁ ନେଇଯିବାକୁ। କିନ୍ତୁ ରିଶି ସେମିତି କରିବାକୁ ମନା କରିଦେଲା। ସେ ମାମାକୁ ବୁଝାଇଲା କି 'ମା-ବାପା ବହୁତ କଷ୍ଟରେ ଆମକୁ ପାଳି ପୋଷି ପାଠ ପଢ଼ାଇ ବଡ଼ ମଣିଷ କରିଛନ୍ତି। ଏମିତି କାର୍ଯ୍ୟ ଆମେ କରି ସମାଜରେ ସେମାନଙ୍କ ମୁଣ୍ଡ ତଳକୁ କରିବା ନାହିଁ। ଭଲ ତ ଭଗବାନ କୃଷ୍ଣ ବି ପାଇଥିଲେ। ସେ ବି ରାଧାକୁ ବହୁତ ଭଲ ପାଉଥିଲେ। କିନ୍ତୁ ତାଙ୍କ ପ୍ରେମ ବି ଅଧାରେ ରହିଗଲା। ସେହିପରି ଆମ ଦୁହିଁଙ୍କ ପ୍ରେମ ବି ଯଦି ଅଧାରେ ରହିବାର ଥିବ ରହିଯିବ। ତମେ ତୁମ ବାପା-ମା'ଙ୍କ କଥାରେ ରାଜି ହୋଇଯାଅ। ବହୁତ ବୁଝାଇବା ପରେ ମାମା ରିଶିର କଥା ବୁଝିଲା ଓ ବାହାଘର ପାଇଁ ରାଜି ହୋଇଗଲା। କିଛିଦିନ ପରେ ମାମାର ମଧ୍ୟ ବାହାଘର ହୋଇଗଲା। ତା'ପରେ ରିଶି ଯିଏ ମାମାକୁ ବହୁତ ଭଲ ପାଉଥିଲା ସେ ଏକ ଭଲ ଚାକିରି କରି 'ମାମା ନାଁରେ ଏକ ଅନାଥ ଆଶ୍ରମ' ଖୋଲିଲା। ଅସହାୟ ଲୋକଙ୍କୁ ସାହାଯ୍ୟ କରିଲା। ରିଶି ତାର ପ୍ରେମକୁ ବଞ୍ଚାଇ ରଖିବାପାଇଁ ସର୍ବଦା ଏକା ରହିଲା। ❐



# ବାପା ଏବଂ ଝିଅର କାହାଣୀ

**ରାକେଶ ମୁଦୁଲି**
ଇଲେକ୍‌ଟ୍ରୋନିକ୍ସ-ମେକାନିକ୍ (୨୦୨୧-୨୦୨୩)



ଜଣେ ବାପା ନିଜ ଝିଅକୁ ବହୁତ ଭଲ ପାଉଥିଲେ। ନିଜ ଝିଅର ପ୍ରତ୍ୟେକ ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରୁଥିଲେ। ଝିଅ ଯାହା କହୁଥିଲା ତାକୁ ବାପା ତୁରନ୍ତ ପୁରଣ କରୁଥିଲେ, କିନ୍ତୁ ଅଜାଣତରେ ସେ ନିଜ ଝିଅକୁ ଆଦର୍ଶ ସଂସ୍କୃତିରୁ ଦୂରେଇ ଦେଉଥିଲେ। ଝିଅ ବହୁତ ଜିଦ୍ ସ୍ୱଭାବର ହୋଇଯାଉଥିଲା ଏବଂ କାହାକୁ ହେଲେ ବି ଉତ୍ତର ଦେବାକୁ ସେ ସଂକୋଚବୋଧ କରୁ ନ ଥଲା। ଝିଅର ମା' ନିଜ ସ୍ୱାମୀଙ୍କୁ ବହୁତଥର ବୁଝାଇଛି ଯେ ଝିଅକୁ ଏତେ ପ୍ରେମ କର ନାହିଁ ଏହା ତାକୁ ବହୁତ ଖରାପ କରିଦେବ, କିନ୍ତୁ ବାପା ତାଙ୍କ ସ୍ତ୍ରୀଙ୍କ କଥା ନ ଶୁଣି ସ୍ତ୍ରୀକୁ କୁହନ୍ତି ଯେ ଝିଅ ଏତେ ଛୋଟ ଅଛି ବଡ଼ ହେଲେ ସମଝଦାର୍ ହୋଇଯିବ। ତାପରେ ଝିଅ ବଡ଼ ହୋଇଯାଏ କିନ୍ତୁ ଝିଅ ଅତି କଠୋର ହୋଇଯାଇଥାଏ। ତାଙ୍କ ଝିଅର ବିବାହ ବୟସ ହୋଇଯାଇଥିବାରୁ ବାପା ତା' ପାଇଁ ଭଲ ବର ଏବଂ ଏକ ଭଲ ପରିବାର ଖୋଜିବା ଆରମ୍ଭ କଲେ। କିଛି ଦିନ ଖୋଜିଲାପରେ ଭଲ ପରିବାର ଓ ଭଲ ବର ମିଳିଗଲା। ବାପା ତାଙ୍କ ଝିଅର ବାହାଘର ବହୁତ ଧୁମ୍‌ଧାମ୍‌ରେ କରିଲେ ଏବଂ ବହୁତ ଯୌତୁକ ମଧ୍ୟ ଦେଲେ ଯେମିତିକି ଝିଅର କୌଣସି ଚଳିବାରେ ଅସୁବିଧା ନ ହେବ। ଝିଅ ବାହାଘର ପରେ ଶ୍ୱଶୁର ଘର ଆସିବାର ସାତ ଆଠ ଦିନ ଠିକ୍ ଠାକ୍ ଥିଲା। ତା' ଶ୍ୱଶୁର ଏବଂ ଶାଶୁ କିଛି ବି କାମ କରିବାକୁ କହୁଥିଲେ, ସେ ସଙ୍ଗେସଙ୍ଗେ ମନା କରି ଦେଉଥିଲା। ତା' ଶ୍ୱଶୁର ଓ ଶାଶୁଙ୍କୁ ବହୁତ ଖରାପ ବ୍ୟବହାର କରୁଥିଲା। ସକାଳ ସମୟରେ ବହୁତ ଡେରିରେ ଉଠିବା, ଆଉ ସବୁ ସମୟରେ ଖାଲି ଟିଭି ଦେଖିବାରେ ବ୍ୟସ୍ତ ରୁହେ। ତା' ଶ୍ୱଶୁର ଦେଖି କୁହନ୍ତି, କେଜାଣି କ'ଣ ଝିଅକୁ ସଂସ୍କାର ଦେଇଛନ୍ତି! କିଛି ବି ଝିଅକୁ ଆସେନି। ବଡ଼ମାନଙ୍କ ସହ କେମିତି କଥା ହେବା ଇତ୍ୟାଦି କିଛି ବି ଆସେନି। ତା' ପରଦିନ ତା'ର ମା'-ବାପାଙ୍କୁ ଡକାଇଲେ। ଆସିକି ତାଙ୍କ ଝିଅର ମା'-ବାପାଙ୍କୁ ରାଗିକି କହିଲେ; ତା'କୁ କ'ଣ କଛି ବ୍ୟବହାର ଶିଖାଇନ? ବାପା-ମା'ଙ୍କୁ ଶୁଣିକି ବହୁତ ଦୁଃଖ ଲାଗିଲା ଏବଂ ବାପା ତାଙ୍କ ଝିଅକୁ ନେଇକି ଘରକୁ ଗଲେ ଏବଂ ତାଙ୍କ ଝିଅକୁ ବୁଝାଇଲେ। କିନ୍ତୁ ତାଙ୍କ ଝିଅ କିଛି ଶୁଣୁ ନ ଥାଏ। କିଛି ମାସ ପରେ ଟିଭିରେ ଗୋଟେ ନିଜ କାହାଣୀ ପରି ସିରିଏଲ୍‌ଟେ ଦେଖି, ଝିଅ ବହୁତ କାନ୍ଦିଲା ଏବଂ ତାଙ୍କ ବାପା-ମା'ଙ୍କୁ ଭୁଲ୍ ମାଗିଲା। ଆଉ ଶାଶୁ, ଶ୍ୱଶୁରଙ୍କୁ ମଧ୍ୟ ଭୁଲ ମାଗିଲା। ସମସ୍ତେ ମିଳିମିଶି ରହିଲେ। ତା' ଶ୍ୱଶୁର କିମ୍ବା ଶାଶୁ କିଛି ବି କହିଲେ, ସେ ସଙ୍ଗେସଙ୍ଗେ ତାହା କରିଦିଏ। ଆଉ ସେ ତା' ପରିବାର ସହ ବହୁତ ହସ-ଖୁସିରେ ରହିଲା। ❐



# ଭାଇ-ଭଉଣୀ ସମ୍ପର୍କ

**ଦିବ୍ୟରଞ୍ଜନ ବାରିକ**
ଫିଟର୍ (୨୦୨୧-୨୦୨୩)

ଭାଇ-ଭଉଣୀ ସମ୍ପର୍କରେ ଗୋଟିଏ ଖାସ୍ କଥା ନିଶ୍ଚିତ ଅଛି କି, ସେମାନେ ଯେତେ ପରସ୍ପର ମଧ୍ୟରେ ଲୁଚିଥାନ୍ତି, ସେତେ ଅଧିକ ପରସ୍ପରର ଚିନ୍ତା କରନ୍ତି। ଭାଇ ଛୋଟ ହେଉ କି ବଡ଼, ନିଜ ଭଉଣୀକୁ ସୁରକ୍ଷା ଦେବାର କର୍ତ୍ତବ୍ୟ କେବେ ବି ଭୁଲେ ନାହିଁ। ଭାଇ ଓ ଭଉଣୀର ପ୍ରେମ ମଧ୍ୟରେ କେବଳ ଏତିକି ଫରକ ଯେ 'ଯିଏ କନ୍ଦେଇ ଦେଇ ମନେଇ ନିଏ ସେ ଭାଇ' ଆଉ 'ଯିଏ କନ୍ଦେଇ ଦେଇ ନିଜେ କାନ୍ଦି ପକାଏ ସେ ହେଲା ଭଉଣୀ।'

ଭାଇ ଭଉଣୀ ଯେତେବେଳେ ଝଗଡ଼ା ଲାଗନ୍ତି... ସେତେବେଳେ ରାଗିକି ଭଉଣୀ ତା ଭାଇକୁ କୁକୁର ବୋଲି କୁହେ କାରଣ କୁକୁର କେବେ ଧୋକା ଦିଏନି... ସେମିତି ଗୋଟିଏ ଭାଇ ତା' ଭଉଣୀକୁ ସାରାଜୀବନ କେବେ ବି ଧୋକା ଦିଏନି, ସବୁଠାରୁ ମୂଲ୍ୟବାନ ସମ୍ପର୍କ ହେଉଛି ଭାଇ ଭଉଣୀ ସମ୍ପର୍କ ଆଉ ଭଉଣୀଟିଏ ଭାଗ୍ୟରେ ଥିଲେ ହିଁ ମିଳେ।

ସାରା ଦୁନିଆ ପାଇଁ ଗୋଟେ ଭାଇ ଯେତେ ଅଯୋଗ୍ୟ ଓ ଅଲୋଡ଼ା ହେଉ ନା କାହିଁକି... କିନ୍ତୁ ତା ଭଉଣୀର କୌଣସି କଥାକୁ ସେ କେବେ ମନା କରିପାରେନା, କାହିଁକି ନା ଭଉଣୀର ସ୍ଥାନ ସବୁବେଳେ ଭାଇର ହୃଦୟରେ ହିଁ ଥାଏ।

ମୋ ଭଉଣୀ ପାଇଁ ପଦେ କଥା- 'ତୋ ସହ କଥା ହେଲାବେଳେ ମତେ ଏମିତି ଲାଗେ ଯେମିତି ମୋ ଜୀବନର ସବୁ ଖୁସି ତୋ ପାଖରେ ଲୁଚି ରହିଛି।' ❐



# ତଲୱାର ଏବଂ ଢାଲ



**ମୀନକେତନ ଦଳେଇ**
ଫିଟର୍ (୨୦୨୨-୨୦୨୪)

ସକାଳୁ ସକାଳୁ ଜଣେ କମାର ବାହାରକୁ ବାହାରିଲା। ରାସ୍ତାରେ ବୁଲୁ ବୁଲୁ ଦୁଇଖଣ୍ଡ ଲୁହା ପାଇଲା ଓ ସେ ଦୁଇଖଣ୍ଡ ଲୁହା ଘରକୁ ନେଇଗଲା। କମାର ଦିନେ କମାରଶାଳରେ ଖଣ୍ଡିଏ ଲୁହାରେ ତଲୱାର ଓ ଅନ୍ୟଟିରେ ଢାଲଟିଏ ତିଆରି କଲା।

କିଛି ଦିନ ପରେ ଯୋଦ୍ଧା ଆସି ଢାଲ ଓ ତଲୱାର କିଣିକରି ନେଇଗଲେ। ବହୁ ଯୁଦ୍ଧରେ ଯୋଦ୍ଧା ଜଣକ ଢାଲ ଓ ତଲୱାର ବ୍ୟବହାର କଲେ। ଥରେ ଯୁଦ୍ଧ କରୁ କରୁ ତଲୱାରଟି ଦୁଇଖଣ୍ଡ ହୋଇଗଲା। କିନ୍ତୁ ଢାଲ ଆଗରୁ ଯେମିତି ରହିଥିଲା ସେମିତି ରହିଲା। ଭାଙ୍ଗିଯାଇଥିବା ତଲୱାର ଓ ଢାଲକୁ ନେଇ ଯୋଦ୍ଧା ଭଣ୍ଡାର ଘର ଭିତରେ ରଖିଦେଲା। ରାତିରେ ମଧ୍ୟମ ପ୍ରହର ଭିତରେ ସଭିଏଁ ଶୋଇଗଲା ପରେ, ଧୀର କଣ୍ଠରେ ତଲୱାର କହିଲା- 'ତୁମେ ତ ସେମିତ ଅଛ ହେଲେ ମୋର ଏଭଳି ଦୁର୍ଦ୍ଦଶା କାହିଁକି ହେଲା ?'

ଢାଲ କହିଲା- 'ଆମ ଦୁହିଁଙ୍କ ଭିତରେ ଅଳ୍ପ ଫରକ'। ତଲୱାର କହିଲା- କାରଣଟି କଣ ? ଢାଲ କହିଲା 'ତୁ ସବୁବେଳେ ମାରିବା କାଟିବା କାମରେ ରହୁଥିଲୁ' ହେଲେ ମୁଁ ବଞ୍ଚାଇବା କାମରେ ରହିଲି। ମନେରଖ ତଲୱାର, 'ମାରିବା ଲୋକଠାରୁ ବଞ୍ଚାଇବା ଲୋକଟି ଦିର୍ଘାୟୁ।' ଯେ ପରୋପକାରି ସେ ଦୀର୍ଘାୟୁ ଏବଂ ଯେ ପରର ଅମଙ୍ଗଳକାରୀ ସେ ଅଳ୍ପାୟୁ। ❐



# ମୋ ବୋଉ

**ଜୟ ଝୋଡ଼ିଆ**
ଫିଟର୍ (୨୦୨୧-୨୦୨୩)

ସମସ୍ତଙ୍କର ମାଆ ଅଛନ୍ତି। ମୋର ମଧ୍ୟ ମାଆ ଅଛନ୍ତି। ମୁଁ ତାଙ୍କୁ ମାଆ ନ ଡାକି ବୋଉ ଡାକେ। ଯିଏ ବୋଉ ସିଏ ମାଆ ଏଥିରେ କିଛି ଫରକ ନାହିଁ।

ମୋ ବୋଉଙ୍କ ନାମ ରଇବାରି ଏବଂ ସେ ଜଣେ ଗୃହିଣୀ। ସେ ୪୦ ବର୍ଷ ବୟସର। ଜଣେ ଗୃହିଣୀ ଭାବରେ ସେ ସବୁବେଳେ ଘର କାମରେ ଲାଗିରୁହନ୍ତି। ମୋ ପାଇଁ ସେ ଦୁନିଆର ସର୍ବୋତ୍ତମ ବୋଉ। ମୁଁ ତାଙ୍କୁ ବହୁତ ଭଲପାଏ। ଆମେ ଆମ ପାଇଁ ଏବଂ ପରିବାର ପାଇଁ ତାଙ୍କର ଉତ୍ସର୍ଗକୁ ସମ୍ମାନକରୁ। ସେ ସର୍ବୋତ୍ତମ ରୋଷେଇକାରୀ। ସେ ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଏବଂ ସ୍ୱାଦିଷ୍ଟ ଖାଦ୍ୟ ରାନ୍ଧି ପାରିବେ। ଆମ ପରିବାରର ସମସ୍ତେ ବୋଉଙ୍କ ହାତରନ୍ଧା ଖାଦ୍ୟ ଖାଇବାକୁ ବହୁତ ଭଲ ପାଆନ୍ତି। ବୋଉ ରୋଷେଇ କରିବା ଠାରୁ, ବାସନ ମାଜିବା, ଆମ ପୋଷାକ ସଫା କରିବା ଇତ୍ୟାଦି ସବୁ କାମ କରେ। ସଭିଙ୍କର ଖୁବ୍ ଯତ୍ନ ନେଇଥାଏ। ଆମ ମଙ୍ଗଳ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରେ। ବାଡ଼ିବଗିଚା ଘରଦ୍ୱାରା ସବୁ ସଫା କରେ। ଆମ ବୋଉ ଭାରି ସରଳ, ଶାନ୍ତ, ନିରୀହ ତଥା ବନ୍ଧୁ-ବାନ୍ଧବମାନଙ୍କୁ ମଧ୍ୟ ସେ ବହୁତ ଭଲ ପାଏ। ସ୍ନେହ ଦେଇ ସମସ୍ତଙ୍କୁ ଆପଣାର କରିନିଏ। ଘରକୁ ଅତିଥି ଆସିଲେ ଆନନ୍ଦରେ ତାଙ୍କର ଚର୍ଚ୍ଚା କରେ। ଧର୍ମ ପୁରାଣ ଶୁଣିବାକୁ ତାଙ୍କର ଖୁବ୍ ଶ୍ରଦ୍ଧା ଥାଏ। ସେ ଏକ ବିସ୍ତୃତ ମନଥିବା ମହିଳା। ସେ ଦକ୍ଷ ଓ ସବୁବେଳେ ଆମର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ବ୍ୟସ୍ତ। ଆମ ପରିବାରକୁ ଖୁସି କରିବାକୁ ସବୁବେଳେ ଯଥାସମ୍ଭବ ଚେଷ୍ଟା କରନ୍ତି। ମୁଁ ମୋ ବୋଉଙ୍କୁ ବହୁତ ଭଲପାଏ। ମୁଁ ଜାଣେ ସେ ଆମପାଇଁ ଯାହାକରନ୍ତି, ତାହା ଆମେ କେବେବି ପରିଶୋଧ କରିପାରିବୁ ନାହିଁ। ମୁଁ ଭାବୁଛି ସେ ଏହି ଦୁନିଆରେ ବିଦ୍ୟମାନ ଥିବା ସର୍ବୋତ୍ତମ ବୋଉ। ଦୁନିଆରେ ଯାର ବୋଉ ନାହିଁ ତା'ର କିଛି ନାହିଁ ବୋଲି ଲାଗେ। ମୋ ବୋଉ ଆମ ପାଇଁ ସର୍ବଂସହା ଅଟେ। ସକାଳ ସନ୍ଧ୍ୟାରେ ଆମେ ତା ପାଦତଳେ ପ୍ରଣାମ କରୁ। ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ କି ସିଏ ସବୁବେଳେ ମୋ ବୋଉଙ୍କୁ ଭଲରେ ରଖିଥାଆନ୍ତୁ।

ମା' ଯିଏ ବୋଉ ସିଏ, ମମି, ଅମ୍ମି ସିଏ
ତା' ପାଇଁ ହିଁ ଗଢ଼ାହୁଏ ପରିବାର ଟିଏ
ତା' ପରିକା ସ୍ନେହ ପ୍ରେମ ଦେବ ଆଉ କିଏ
ତାଙ୍କ ପାଇଁ ଆମେ ଆଉ ଆମ ପାଇଁ ସିଏ। ❐



# ଏମିତି ଋଣ ଶୁଝେନା

**ସୌଭାଗ୍ୟ ନାହକ**
ଫିଟର୍ (୨୦୨୨-୨୦୨୪)

ଜଣେ ସଂଭ୍ରାନ୍ତ ବଂଶଜ ଯୁବକ ଭାଗ୍ୟର ତଲାସରେ ରାଜଧାନୀକୁ ବାହାରିଲା। ଯୁବକ ଜଣକ ଘୋଡା ପିଠିରେ ବସି ଯାଉଥିଲା। ବାଟରେ ଅନ୍ଧାର ହୋଇଗଲା। କେଉଁଠି ଆଶ୍ରୟ ନେବେ ବୋଲି ଚିନ୍ତା କଲା ବେଳକୁ କିଛି ପାଇଲା ନାହିଁ। ସେତିକିବେଳେ ଜଣେ ଅତ୍ୟନ୍ତ ଭଦ୍ରବ୍ୟକ୍ତି ତାଙ୍କୁ ନିଜ କୁଡିଆରେ ଆଶ୍ରୟ ଦେଲେ। ଉଚ୍ଚକୁଳଶୀଳ ଯୁବକଙ୍କର ଯେମିତି କିଛି ଅସୁବିଧା ନ ହୁଏ, ସେଥିଲାଗି ସେ ନିଜେ ଉପାସ ରହିଲେ ଓ ବାହାରେ ଶୋଇଲେ କିନ୍ତୁ ଯୁବକଙ୍କୁ ଖାଦ୍ୟ ଓ ଶଯ୍ୟା ଦେଇଗଲା ବେଳେ ଯୁବକ କହିଲେ 'ଏ ଋଣ ଶୁଝି ପାରିବି ନାହିଁ'।

ଅନେକ ବର୍ଷ ବିତିଗଲା। ଯୁବକ ଜଣକ ଶେଷରେ ରାଜାଙ୍କ ମନ୍ତ୍ରୀ ହେଲେ। ତେବେ ସେ' ରାତି କଥା ଭୁଲି ନ ଥିଲେ। ତେଣୁ ସେ ସ୍ଥିର କଲେ ଯେ ଦିନେ ସେହି ଦରିଦ୍ର ଲୋକ ପାଖକୁ ଯିବେ। ସମୟ ବାହାର କରି ଦିନେ ସେ ତାଙ୍କ ପାଖରେ ପହଞ୍ଚିଲେ ଓ ପଚାରିଲେ ଚିହ୍ନି ପାରୁଛନ୍ତି ! ଦରିଦ୍ର ଲୋକ ଜଣଙ୍କ ଉତ୍ତର ଦେଲେ, ଆଜ୍ଞା ଅପଣ ହେଉଛନ୍ତି ଆମ ରାଜାଙ୍କ ମନ୍ତ୍ରୀ। ଯୁବକ କହିଲେ ତେବେ ଆପଣ ସେଇ ତରୁଣକୁ ଭୁଲି ଯାଇଛନ୍ତି, ଯାହାକୁ ଆପଣ ଦରକାର ବେଳେ ଆଶ୍ରୟ ଦେଇଥିଲେ। ଦରିଦ୍ର ବ୍ୟକ୍ତି ଜଣଙ୍କ କହିଲେ ନା ମୁଁ ଭୁଲି ନାହିଁ। ଆପଣଙ୍କ ସେଦିନର କଥା ବି ମୋର ମନେ ଅଛି। ଏବେ ଯୁବକ କହିଲେ, ଧନ୍ୟବାଦ। ଏବେ ମୋର ଋଣ ଶୁଝିବା ବେଳ। ଆପଣ ଯାହା ଚାହାନ୍ତି, ମାଗନ୍ତୁ। ମୁଁ ନିଶ୍ଚୟ ଦେବି। ଦରିଦ୍ର ଲୋକ କହିଲେ, ମୁଁ ଜାଣେ ଆପଣ ଦେଇ ପାରିବେ କିନ୍ତୁ ଆପଣ 'ସେ ଋଣ କେବେ ବି ଶୁଝି ପାରିବେ ନାହିଁ'। କାରଣ, ଆପଣ ଯେଉଁ ପରିସ୍ଥିତିରେ ଯେଉଁ ଭଳି ବ୍ୟକ୍ତି ଠାରୁ ଉପକାର ପାଇଥିଲେ ତାକୁ ଶୁଝିବା ଅସମ୍ଭବ। ଭଦ୍ରବ୍ୟକ୍ତିଙ୍କର ଏତାଦୃଶ କଥାରେ ମନ୍ତ୍ରୀଜଣଙ୍କ ନିଜକୁ ଲଜ୍ଜିତ ମନେକଲେ ଓ ଭଦ୍ରବ୍ୟକ୍ତିଙ୍କୁ ଭୁଲ୍ ମାଗିବା ସହ କିଛି ଆବଶ୍ୟକୀୟ ଦ୍ରବ୍ୟ ଅନୁରୋଧ ପୂର୍ବକ ରଖିବା ପାଇଁ କହି ସେଠାରୁ ବିଦାୟ ନେଲେ। ❐



# ହସ କଥା

ସୁରେ ହୋ
ଫିଟର୍ (୨୦୨୧-୨୦୨୩)

ଲୋକଟିର ନାଁ ଥିଲା କମଳାକାନ୍ତ। ଆଧାର କାର୍ଡ଼ରେ ନାଁ ଆସିଛି କରୋନା ଆକ୍ରାନ୍ତ।

❒

**ସାର୍:** ପିଲେ ପ୍ରେମ ଓ ଭଲ ପାଇବା ଭିତରେ କ'ଣ ଫରକ ଅଛି କହିଲ ଦେଖି ?

**ଛାତ୍ର:** ସାର୍, ଆପଣ ନିଜ ଝିଅକୁ ଭଲ ପାଇଲେ ତାକୁ ଭଲପାଇବା କୁହାଯିବ। କିନ୍ତୁ ଆପଣଙ୍କ ଝିଅକୁ ମୁଁ ଭଲ ପାଇଲେ ତାକୁ ପ୍ରେମ କୁହାଯିବ।

**ସାର୍:** ବଦ୍‌ମାସ ଟୋକା ତତେ ଦଉଛି ରହ !

❒

**ମନୁ:** ଭାଉଜଙ୍କ ନାଁ କ'ଣ ?

**ସୋନୁ:** ଗୁଗୁଲ୍ ପଣ୍ଡା।

**ମନୁ:** ଗୁଗୁଲ୍ ! ଆରେ ଇଏ କି ନାଁ ?

**ସୋନୁ:** ଏଇଥିପାଇଁ କାରଣ ତାକୁ ଗୋଟେ କଥା ପଚାରିଲେ ତା'ଠୁ ୧୦ଟା ଉତ୍ତର ମିଳେ।

❒

**ସାର୍:** ଝିଟିପିଟି ଆଉ କୁମ୍ଭୀର ଭିତରେ ପାର୍ଥକ୍ୟ କ'ଣ ?

**ଛାତ୍ର:** ଝିଟିପିଟି ଏକ ଗରିବ କୁମ୍ଭୀର ଯିଏ କି ହର୍ଲିକ୍ସ ଖାଇନି।

❒

ସୁରେଶ ଏବଂ ରମେଶ ଦୁଇ ଭାଇ ସମାନ ଶ୍ରେଣୀରେ ପଢୁଥିଲେ।

**ଶିକ୍ଷକ:** ତୁମେ ଦୁହେଁ ତୁମ ବାପାଙ୍କ ନାମ ଅଲଗା କାହିଁକି ଲେଖିଲ ?

**ସୁରେଶ ଓ ରମେଶ:** (ଏକା ସାଙ୍ଗରେ) ସାର୍, ସେମିତି ନ କଲେ ଆପଣ କହିବେ ଯେ ଆମେ କପି କରିଛୁ ବୋଲି, ସେଥିପାଇଁ.... !



# ସାଧାରଣ ଜ୍ଞାନ

ଅଜୟ ବେହେରା
ଇଲେକ୍‌ଟ୍ରୋନିକ୍ସ-ମେକାନିକ୍ (୨୦୨୧-୨୦୨୩)

ପ୍ରଶ୍ନ ୧: ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ?

ଉ: ଉତ୍କଳ ବିଶ୍ୱବିଦ୍ୟାଳୟ।

ପ୍ରଶ୍ନ ୨: ପ୍ରଥମ ଓଡ଼ିଆ ଲୋକସଭା ବାଚସ୍ପତି ?

ଉ: ରବି ରାୟ।

ପ୍ରଶ୍ନ ୩: ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ?

ଉ: ଉତ୍କଳଦୀପିକା (୧୮୬୬)

ପ୍ରଶ୍ନ ୪: ଓଡ଼ିଶାର କେଉଁ ପର୍ବ ଦୂରଦର୍ଶନରେ ସିଧା ପ୍ରସାରଣ କରାଯାଏ ?

ଉ: ରଥଯାତ୍ରା

ପ୍ରଶ୍ନ ୫: ଓଡ଼ିଶାର ପ୍ରଥମ ନାଟ୍ୟକାର ?

ଉ: ଜଗମୋହନ ଲାଲ୍।

ପ୍ରଶ୍ନ ୬: ଓଡ଼ିଶାର ପ୍ରଥମ କବି ?

ଉ: ମହାକବି ସାରଳା ଦାସ।

ପ୍ରଶ୍ନ ୭: ଓଡ଼ିଶାର ପ୍ରଥମ ନାଟକ ?

ଉ: ବାବାଜୀ

ପ୍ରଶ୍ନ ୮: ପ୍ରଥମ ଓଡ଼ିଆ ଏଫ୍.ଏସ୍. ?

ଉ: କୁମାରୀ ସଂଯୁକ୍ତା ପଟ୍ଟନାୟକ।

ପ୍ରଶ୍ନ ୯: ମୂଳ ରାମାୟଣ ରଚୟିତା କିଏ ?

ଉ: ମହର୍ଷି ବାଲ୍ମୀକି

ପ୍ରଶ୍ନ ୧୦: ଗୌତମ ଋଷିଙ୍କ ପତ୍ନୀ କିଏ ?

ଉ: ଅହଲ୍ୟା।

❒



# ଝରଣା

ଝରି ଝରି ଯାଏ ବୋହି...

# Cheer Up


HOCKEY INDIA
FIH ODISHA
HOCKEY
MEN'S WORLD CUP 2023




CELEBRATIONS
2023
ODISHA MEN'S
HOCKEY WORLD CUP
2023
INDIA


COVID
-19






SAVE
GIRL
CHILD


ODISHA
MEN'S HOCKEY
WORLD CUP
2023




CORONA VIRUS



# ବୃକ୍ଷ ହିଁ ଜୀବନ

**ମୋହନ ଲାଲ୍ ବ୍ୟାସ**
ଏ.ଟି.ଓ-ଫିଟର
(ମୁଖ୍ୟ ସମ୍ପାଦକ-କୁଶଳୀ)

ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ...
ବୃକ୍ଷ ହିଁ ଆମକୁ ଦିଏ ଶୀତଳ ପବନ...
ବୃକ୍ଷ ଏକମାତ୍ର ଯିଏ ଦିଏ ଅମ୍ଳଜାନ...
ନିଶ୍ୱାସରେ ବଞ୍ଚିରୁହେ ସବୁରି ଜୀବନ...
ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ...

ଫଳ, ଫୁଲ ଖାଦ୍ୟ ରୂପେ ଅମୃତ ସମାନ...
ଚେର ଠାରୁ ପତ୍ରେ ଭରା ମହୋଷଧି ଗୁଣ...
ବୃକ୍ଷ ପାଇଁ ଜଳବାୟୁ ଯେ ପରିବର୍ତ୍ତନ...
ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ...

ବୃକ୍ଷ ପାଇଁ ଆସବାବ, କାଗଜ ଯେ ଜାଣ...
ବୃକ୍ଷଛାଇ ସଭିଙ୍କୁ ଯେ ଦିଅଇ ଶରଣ...
ଚାରାରୁ ହୁଅଇ ବୃକ୍ଷ ତହୁଁ ମହାଦ୍ରୁମ...
ବୀଜରୁ ହୁଅଇ ଯେବେ ଅଙ୍କୁର-ଉଦ୍‌ଗମ...
ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ...

ବୃକ୍ଷରୁ ହୁଅଇ କାଠ, ତା'ପରେ ବିସ୍ଫୋଟ...
ହୁଏ କେତେ ଥାକ, ଖଟ, ଝରକା, କବାଟ...
ବୃକ୍ଷ ବିନା ଏ ସଂସାର ସ୍ଥିତି ଭିତ୍ତିହୀନ...
ବୃକ୍ଷ ହିଁ ଜୀବନ...ବନ୍ଧୁ, ବୃକ୍ଷ ହିଁ ଜୀବନ...

କାଠି, କୁଟା, କାଠ, ପତ୍ର ହୁଅଇ ଜାଳେଣି...
ଶେଷରେ ପାଉଁଶ ରୂପେ ଉର୍ବରାଏ ଜମି....
ଶପଥ କରିବା ଆସ ଧରି ନିଜ କାନ...
ଅଯଥାରେ କରିବାନି ଗଛ କଟା କାମ...
ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ...

ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ସର୍ବୋତ୍ତମ ...
ମହିମଣ୍ଡଳରେ ବୃକ୍ଷ ସତ୍ତା ହିଁ ପ୍ରଥମ ...
ନିଜ ଜନ୍ମଦିନେ କରି ବୃକ୍ଷଟେ ରୋପଣ...
ମାନବିକତାକୁ ଆସ କରିବା ସମ୍ମାନ...
ବୃକ୍ଷ ହିଁ ଜୀବନ... ବନ୍ଧୁ, ବୃକ୍ଷ ହିଁ ଜୀବନ... ❐





# ଡଃ. ସାମନ୍ତ



**ପପୁ ମୁଣ୍ଡା**
ଫିଟର୍ (୨୦୨୨-୨୦୨୪)

ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ
ଆମ ପ୍ରିୟ ଅଚ୍ୟୁତ ସାମନ୍ତ...
ଜନ ହିତ କାର୍ଯ୍ୟ କରି ସେ ନାୟକ
ରାଜ୍ୟର ରଖନ୍ତି ଇଜ୍ଜତ... ॥

ଦୁଃଖୀ, ଦରିଦ୍ରଙ୍କ ସେବା ତାଙ୍କ ଧର୍ମ
ନିସ୍ୱାର୍ଥ ମଣିଷଟିଏ...
ଦୁଃଖକୁ ଦେଖିଲେ ଲୋତକ ଝରାନ୍ତି
ଏଭଳି ଦରଦି ସିଏ... ॥

ଆଦିବାସୀଙ୍କର ଦୁଃଖ ଦୂର ପାଇଁ
ଦିନ ରାତି ଏକ କଲେ
ବଣ ମଲ୍ଲିକୁ ଦେଶ ବିଦେଶରେ
ପରିଚୟ କରାଇଲେ... ॥

ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ସେବା ପାଇଁ
ଅନୁଷ୍ଠାନମାନ କଲେ,
ଓଡିଆ ଜାତିର ଗୌରବ ପାଇଁ ସେ
ନିରନ୍ତର ଚେଷ୍ଟା କଲେ... ॥

ସଭିଙ୍କ ମୁହଁରେ ହସ ଦେଖିବାକୁ
କରନ୍ତି କେତେ ପ୍ରୟାସ...
ସାଧା ସରଳରେ ଜୀବନ କାଟନ୍ତି
ନ କରି ଭୋଗ ବିଳାସ... ॥

ତାଙ୍କ ପଦେ ମଥାନତ ହୋଇବାକୁ
ଆସ ସବୁ ଛାତ୍ରୀ ଛାତ୍ର...
ତାଙ୍କ ଅଶୀର୍ବାଦ ଆମ ସାଥେ ଥିଲେ
ଯେତିବା ସାରା ଜଗତ...॥
❐



# ଫୁଲରେ ଫୁଲରେ

**ପ୍ରତିମା ରାଉତ**
ଏ.ଟି.ଓ - ଇଲେକ୍‌ଟ୍ରୋନିକ୍ସ ମେକାନିକ୍
(ସହ-ସମ୍ପାଦକ 'କୁଶଳୀ')

ଫୁଲରେ ଫୁଲରେ ଲାଗିଲାଣି ଏଠି
ମହୁମାଛିମାନଙ୍କର ହାଟ,
ଭ୍ରମରେ ଭ୍ରମରେ ଉଡି ବୁଲିଲେଣି
ରଙ୍ଗରେ ଲଗାଇ ଓଠ।

ଆମେ ସବୁ ଯେତେ ପରଜାପତିଏ
ଚିତ୍ର ପ୍ରତିମା ସମ,
ତୁଛାଟାକୁ କିଆଁ ଉଡି ବୁଲୁଥାଉ
କାଗଜ ଫୁଲକୁ ଭ୍ରମ।

ଫୁଲ ଏଠି ଗାଏ ଭଅଁରର ଗୀତ
ପାଖୁଡା ମେଲେଇ ହାଟେ,
ଅଖୋଜା ଅଲୋଡା ମୋହନ ଭ୍ରମର
ମଧୁପର ବାଟେ ଘାଟେ।

ପ୍ରିୟତମ ରାଗେ ଗାଉଥିଲା ଗୀତ
ବାଡୁଅ ସେ ମହୁମାଛି,
ଆନନ୍ଦ ଲହରେ ଖୁସି ବାଣ୍ଟୁଥିଲା
ଅପ୍ରେମର ପ୍ରଜାପତି।

ଜହ୍ନ ବଗିଚାରେ କିଏ ଗୀତ ଗାଏ
ଅଳସ ଚାନ୍ଦିନୀ ଛୁଇଁ,
ରାତିକି ବୁଝୁଛି ଭଅଁର ସରାଗ
ପ୍ରୀତି ତ ଉଜୁଡା ଭୂଇଁ।
❐



# ରକ୍ଷା ବନ୍ଧନ

**ରୂପେଶ ଚନ୍ଦ୍ର ପଣ୍ଡା**
ଏ.ଟି.ଓ - ଇଲେକ୍ଟ୍ରିସିଆନ୍

ଭାଇ ଭଉଣୀଙ୍କ ପବିତ୍ର ବନ୍ଧନ ଅଟଇ ରାକ୍ଷୀ ପରବ
ଶକ୍ତି ବିଶ୍ୱାସର ବିଜୟ ପ୍ରତୀକ ଭାରତବର୍ଷ ଗରବ ॥
ସ୍ନେହ ମମତାର ପବିତ୍ର ବନ୍ଧନେ ରାକ୍ଷୀ ବାନ୍ଧି ଭାଇ ହାତେ
ଭାଇଙ୍କ ଜୀବନ ସୁଖମୟ ପାଇଁ ଶୁଭ ମନାସନ୍ତି କେତେ ॥
ଏହି ଦିନ ମହାପ୍ରଭୁ ବଳଭଦ୍ର ହୋଇଥିଲେ ଯେ ଜନମ
ଗହ୍ମାଡିଆଁ ପର୍ବ ନାମରେ ଏ ଦିନ ଓଡ଼ିଶାରେ ଅନ୍ୟତମ ॥
ଶ୍ରାବଣ ମାସର ପୂର୍ଣ୍ଣିମାକୁ ଲୋକେ ଗହ୍ମାପୂର୍ଣ୍ଣିମା କୁହନ୍ତି
ଶ୍ରୀକୃଷ୍ଣଙ୍କ ହାତେ ଏହି ଦିନ ରାକ୍ଷୀ ବାନ୍ଧିଥିଲେ ମାତା କୁନ୍ତୀ ॥
ଧର୍ମ ସଂସ୍କୃତିର ନିଆରା ଏ ପର୍ବ ଝୁଲଣ ପୂର୍ଣ୍ଣିମା ନାମେ ନାମିତ
ବଳିଆରଭୂଜ ବଳଭଦ୍ରଙ୍କୁ ଯେ ପୂଜା ଯାଏ ବିଧିମତ ॥
ବ୍ରାହ୍ମଣୀ ବେଶରେ ମହାଲକ୍ଷ୍ମୀ ବଳି ରାଜାଙ୍କ ହାତରେ ବାନ୍ଧିଲେ ରାକ୍ଷୀ
ଉପହାର ରୂପେ ଗଦାଧର ଦ୍ୱାର ପାଳଙ୍କୁ ପାତାଳୁ କରିଲେ ମୁକ୍ତି ॥
ମହା ଅତ୍ୟାଚାରୀ କଂସ କରୁଥିଲା କୃଷ୍ଣଙ୍କୁ ମାରିବା ଯେତେ ଯୋଜନା
ରାକ୍ଷୀ ବାନ୍ଧି ଗୋପିମାନେ କୃଷ୍ଣଙ୍କର କରୁଥିଲେ ସେତେ ଶୁଭକାମନା ॥
❒





# ହରି ଭରସା

**ସୁଶାନ୍ତ କୁମାର ସ୍ୱାଇଁ**
ସିନିୟର ମେକାନିକ୍-ଇଲେକ୍ଟ୍ରିସିଆନ୍

ତୁମନାମ ଧରି ଆହେ ଶ୍ରୀହରି
କେତେ ହୋଇଛନ୍ତି ଭବରୁ ପାରି
କେତେ ବାଧା ବିଘ୍ନ ହୋଇଛି ଦୂର
କିଛି କିଛି ପଡେ ମନରେ ମୋର ।

ଦ୍ରୌପଦୀ ଡାକିଲେ କେତେ ବିକଳେ
ଯେବେ ଥିଲେ କୁରୁ ସଭାର ସ୍ଥଳେ
ବସ୍ତ୍ରହରଣୁ ତାଙ୍କୁ ଉଦ୍ଧାରି
ରଖିଲ ମାନ ପ୍ରଭୁ ତାଙ୍କରି ।

ଗଜଙ୍କୁ ଜଳରୁ କଲ ଉଦ୍ଧାର
କବଳରେ ଥିଲା ଯେବେ ତୁଣୀର
ଛେଦିଣ ଗଲା ତୁମ ସୁଦର୍ଶନେ
ରଖିଲ ଯେ ତୁମେ ତା'ର ଜୀବନ ।

ଘୋର ବନସ୍ତେ ବିପଦ କାଳେ
ମୃଗୁଣୀର ଡାକ ନୟନ ଦଳେ
ରକ୍ଷାକଲ ପ୍ରଭୁ ତାର ଜୀବନ
ବୁହାଇ ବରଷା ଝଡ଼ ପବନ ।

ଭକ୍ତ ପଣେ ଯେ ସେ ପ୍ରହଲ୍ଲାଦ
ଆସିଥିଲା ଯେହୁଁ ତାକୁ ବିପଦ
ନୃସିଂହ ରୂପେ ହୋଇଣ ଜାତ
ହିରଣ୍ୟ କଶ୍ୟପେ କଲ ହେ ନାଶ ।

ସୁଗ୍ରୀବ ସଙ୍ଗେ ହୋଇଣ ମିତ
ଗୁପତେ ରହିଲ ତୁମେ ଏମନ୍ତ
ସୁଗ୍ରୀବଙ୍କୁ କଲ କିସ୍କିନ୍ଧା ରଜା
ବାଳୀକୁ ଦେଇଣ ତାହାର ଅନ୍ତ ।

ପାଦସ୍ପର୍ଶ କରି ଉଦ୍ଧାରିଲ ପ୍ରଭୁ
ଅଭିଶପ୍ତ ଅହଲ୍ୟାର ଜୀବନ
ପଥେ ପଡ଼ିଥିଲା ପଥର ପରି ସେ
ପାପ ସବୁ ତା'ର କଲ ଖଣ୍ଡନ । ❒



# ମା’

**ଚିନ୍ମୟ ନନ୍ଦି**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)



ଜନମ ଦେଇଛୁ ରକତ ଦେଇ ମା’
କୋଳେଇ ଧରିଛୁ ମୋତେ...,
ସେନେହ ମମତା ଅଜାଡି ଦେଇଛୁ
ମା’ ତୋ କାନି ପଣତେ...।

କୋଳରେ ବସାଇ ମୋତେ ଦେଖାଇଲୁ
ସୁଖ ଦୁଃଖ ଦୁନିଆକୁ,
ତୋ ହାତ ଧରି ବୁଲି ମୁଁ ଦେଖିଲି
ହସ ଲୁହ ସଂସାରକୁ...।

ସବୁଠୁ ମଧୁର ଡାକଟି ତୋହର
ପରଶ ଚନ୍ଦନ ବିନ୍ଦୁ,
କାନି ପଣତର ଅସୀମ ମହତ
ସେନେହ ସପତି ସିନ୍ଧୁ..।

ପଥ ହୁଡିଗଲେ ଦେଖାଉ ତୁ ବାଟ
ଅଲିଅଳ ଶିଶୁ ପ୍ରାୟ,
ଆଶିଷ ତୋହର ଥିଲେ ଶୀର ପରେ
ଲାଗେନି ଡର କି ଭୟ...।

ସୁଦୁର ପଥର ତୁ ଏକା ସାହାର
ଆଶା ଓ ଭରଷା ମୋର,
ପାଦ ଦୁଇ ତୋର ଛୁଇଁଦେଲେ ଲାଗେ
ତୁ ମୋ ଚଳନ୍ତି ଠାକୁର...।

ସାତ ସାଗରର ସାତଟି ଝରକୁ
ଯଦି ମୁଁ ଏକାଠି କରେ,
ତଥାପି ମୋ ମା’ ମମତାର ଝର
ତା ଠାରୁ ବି ବଳିପଡ଼େ ॥

ସେନେହ ଡୋରିରେ ବାନ୍ଧିଚି ଆମକୁ
ପଣତର ଛାଇ ଦେଇ,
ସେଇ ଛାଇ ତଳେ ନିଦ ଆସିଯାଏ
ଦେଲେ ସିଏ ଥାପୁଡେଇ ॥

ଚାହିଁ ରହିଥାଏ ଅଖିଆ ଅପିଆ
ଫେରିବା ବାଟକୁ ମୋର,
ଫେରି ଆସିଲେ ମୁଁ ହାତେ ଖୋଇଦିଏ
କୋଳରେ ବସାଇ ତାର ॥

ତା ହାତ ପରସ ଅମୃତ ଠୁ ବଳି
ନାହିଁ ତୁଳନା ତାହାର,
ସରଗଠୁ ବଳି ସୁଖ ମିଳିଯାଏ
ମା’ର କୋଳରେ ମୋର ॥

ସଂସାରେ ଏମିତି କୁହ କିଏ ଅଛି
ଶୁଝି ପାରିବକି ଋଣ,
ବେଦନାକୁ ତାର ଲାଘବ କରିଣ
ହୋଇବ ଯୋଗ୍ୟ ସନ୍ତାନ ॥

ମା’ ପାଇଁ ଶବ୍ଦ ନିଅଣ୍ଟ ହୋଇବ
କରିବାକୁ ଗୁଣ ଗାନ,
କେମିତି କହିବି କି ଅବା କହିବି
ସର୍ବେ ଅନୁଭବୁ ଜାଣ ॥

ଭଗବାନ ବୋଲି କିଏ ଅଛି ଆଉ
ଜଗତରେ ବିଦ୍ୟମାନ,
ସେଇ ମାଆ କୋଳେ ମର୍ତ୍ତ୍ୟରେ ଜନ୍ମନ୍ତି
ନିଜେ ପ୍ରଭୁ ନାରାୟଣ ॥

ମାଆ ଆଶୀର୍ବାଦ ଯା ପାଶେ ରହିଛି
ସବୁଠୁ ସେ ଭାଗ୍ୟବାନ,
ଜଗତ ଜିତିବ କୁବେର ଅର୍ଜିବ
ଲଭିବ ମାନ ସମ୍ମାନ... ॥ ❐



# ମୋ ମାଆ

**ଅସିମ କୁମାର ସାହୁ**
ଇଲେକ୍‌ଟ୍ରିସିଆନ୍ (୨୦୨୨-୨୦୨୪)

ଦୁନିଆଠୁ ଆଗେ ଚିହ୍ନିଚୁ ତୁ ମୋତେ,
ଦଶମାସ ପୂରୁବରୁ।
ସେଥିପାଇଁ ବୋଧେ ସଭିଙ୍କଠୁ ମୋତେ
ଭଲ ବେଶି ପାଇପାରୁ ॥

ମୁହୂର୍ତ୍ତେ ତୁ ମୋତେ ନ ଦେଖିଲେ ପରା
କେତେ କଣ ଭାବି ଦେଉ।
ଦେଖିଦେଲା ପରେ ଧନ, ସୁନା କହି
କୋଳରେ କୋଳେଇ ନେଉ ॥

ତୋ ପେଟର ଭୋକ ମାରି ଦେଉ ପରା
ମୋ ପେଟର ଭୋକ ପାଇଁ ।
ପେଟ ମାରି ତୋର ଖାଦ୍ୟ ସବୁତକ
ମୋ ପେଟରେ ଦେଉ ଭରି ॥

କେତେ ଦୁଃଖ କଷ୍ଟ କରୁଛୁ ମାଆ ତୁ
ମନେ ନ ରଖି ବିକାର।
ଏତେ ସବୁ କରି ଖୋଜୁ ତୁହି ଖାଲି
ପଦେ ମିଠା କଥା ମୋର ॥

କିଏ ଅବା ଅଛି ଏ ସାରା ବ୍ରହ୍ମାଣ୍ଡେ
ଏତେ ତ୍ୟାଗ କରିବାକୁ
ସଭିଙ୍କର ମାଆ ନିଜ ସନ୍ତାନଙ୍କୁ
ଧନ୍ୟ ସେ ମହାପ୍ରଭୁଙ୍କୁ ॥

ଏତେ ସବୁ ଋଣ କେମିତି ଶୁଝିବି
ସେ କଥା ପାରୁନି ଜାଣି
ଏତିକି ଜାଣିଛି ମୋ ଠାରୁ ତୁହି
କିଛି କେବେ ଚାହିଁବୁନି ॥ ❐



# ଆମ KIIT – KISS

**ଶ୍ରାବଣୀ ପାଢ଼ୀ**
ଫିଟର୍ (୨୦୨୧-୨୦୨୩)

KIIT - KISS ଅଟେ ଆମ ମନ୍ଦିର
ସାମନ୍ତ ସାର୍ ଅଟନ୍ତି ସାକ୍ଷାତ ଈଶ୍ୱର।
ଆମେ ଅଟୁ ସାମନ୍ତ ସାର୍‌ଙ୍କ କୁନି ଭକତ
ସ୍ନେହ ଶରଧାରେ କରୁ ଦଣ୍ଡବତ।

KIIT - KISS ଆମ ମନ ମୁଗ୍ଧକରେ
ପରକୁ ଆପଣା କରେ।
KIIT - KISS ପରିବେଶ ଅତ୍ୟନ୍ତ ସୁନ୍ଦର
ମନକୁ ଆମର କରେ ଆକର୍ଷିତ।

ବିଦ୍ୟାର ଭଣ୍ଡାର ଆମ KIIT ବିଶ୍ୱବିଦ୍ୟାଳୟ
କେବେ ହେବ ନାହିଁ କ୍ଷୟ
ସାମନ୍ତ ସାର୍ ଅଟନ୍ତି ଆମ ମାର୍ଗ ଦର୍ଶକ
ଲାଗେ ନାହିଁ କେବେ ଭୟ।

KIIT - KISSରେ ଆମେ ଭାଇ ଭଉଣୀ
ରହିଅଛୁ ସର୍ବେ ଏକ ହୋଇ।
ସ୍ନେହ ସହକାରେ ଆନନ୍ଦ ଭିତରେ
ଦିନଟି ଯାଏ ପଳାଇ।

ଆମ KIIT - KISS ଆମରି ଗୌରବ
ବିଶ୍ୱରେ ପ୍ରସିଦ୍ଧ ହେବ
ଆମ ପାଇଁ ଆମ KIIT - KISS ଦିନେ
ଉଚ୍ଚ ଆସନ ମଣ୍ଡନ କରିବ।

ଆମ ଶିକ୍ଷକ, ଶିକ୍ଷୟିତ୍ରୀ ଦେବାଦେବୀ ପରା
KIIT - KISS ମୋ ମନ୍ଦିର
ତାଙ୍କ ଉପଦେଶ ଭାରି ଉପକାରୀ
କରେ ଚରିତ୍ର ସୁଧାର। ❐



# ଆଖିଟେ ଏମିତି

**ପପୁ ମୁଣ୍ଡା**
ଫିଟର୍ (୨୦୨୨-୨୦୨୪)

ଆଖିଟେ ଏମିତି, ଦେ'ରେ କାଳିଆ
ଦେଖିବି ଯେମିତି ତୋତେ ଗଲେ ସେପାରି
ସୁଖୀଟେ ଏମିତି, କରିଦେ ରେ ଜଗା
ଗାଉଥିବି ତୋ ଗୀତ ଦୁଃଖ ପାଶୋରି ॥
ଆଖିଟେ ଏମିତି...
ବିତାଇଛି ଦିନସବୁ ମିଛ ଲୋଭେ ମାୟା ମୋହେ
ପାଇଛି ମୁଁ ତା'ର ଅଭିଶାପ
ଜୀଇଁବି ମରୁଛି ଆଜି, ସମୟର କାରାଗାରେ
ଜାଣୁଛି ମୁଁ କରିଥିଲି ପାପ ॥
ହେଲେ ଆଜି ଆସିଛି ମୁଁ ତୋ ପାଦେ ଶରଣ ପାଇଁ
ହୃଦୟରେ ସୁମରି ତୋ ନାମ
ଥରେ କରିଦେବୁ କ୍ଷମା, ତୁ ପରା ବଡ ଠାକୁର
ତୁ ପରା ପତିତପାବନ
ଜୀବନର ଏଇ ଶେଷ ସମୟରେ
ଶୁଣିବୁ କି ମୋର ଏଇ ଛୋଟ ଗୁହାରୀ ॥
ଆଖିଟେ ଏମିତି...
ପାଇବାର ଆଶାନେଇ ଯାଉଥିଲି ମୁହିଁ
ଠକୁଥିଲି କହି ତାକୁ ପ୍ରେମ
ମରିବା ଡରରେ ପୁଣି, କାଟୁଥିଲି ଦିନ ସବୁ
ଭାବୁଥିଲି ଜୀଉଁଛି ଜୀବନ
ହେଲେ ଆଜି ଅସିଛି ମୁଁ- ତୋ ଦର୍ଶନେ ମୁକ୍ତି ପାଇଁ
ସଂସାରରେ ମୋ ନାହିଁ ଆଉ ମନ ॥
ଦେଉଛି ମୁଁ କଥା ତୋତେ- ଗାଉଥିବି ତୋ ମହିମା
ଜୀଇଁବି ମୁଁ ଆଉ ଯେତେ ଦିନ
ଜୀବନ ନଈର ଫେରିବା ବାଟରେ
କରିବୁକି ପାରି ମୋତେ କଳା ନାଉରୀ ॥
ଆଖିଟେ ଏମିତି... ❐



# ବୋଉ ଆଉ ବାପା

**ଆୟୁଷ କୁମାର ମହାନ୍ତି**
ଫିଟର୍ (୨୦୨୨-୨୦୨୪)

ବୋଉ ଗାଳି ଦେଲେ ଭାରି ଭଲ ଲାଗେ
ବାପାଙ୍କ ଗାଳିଟି କଷ୍ଟ,
ବୋଉ ମତେ କହେ ଅବୁଝାଟା ବୋଲି
ବାପାଙ୍କ ଭାଷାରେ ନଷ୍ଟ ॥

କେବେ ନ ଖାଇଲେ ବୋଉ ହିଁ ଖୁଆଏ
ବାପାଲୋ ଧନଲୋ କହି,
ବାପା କହିଥାନ୍ତି, ଖାଉ କି ନ ଖାଉ
ଡାକୁଛ କଅଣ ପାଇଁ ॥

ପରୀକ୍ଷାରେ ଭଲ ନ କରି ପାରିଲେ
ସାହସ ଦିଏ ମୋ ବୋଉ,
ଚିଡିଚିଡି ହୋଇ ବାପା କହିଥାନ୍ତି
ଏଇଟା କୁଆଡେ ଯାଉ ॥

କାହା ସାଙ୍ଗେ କଳି କରିକି ଆସିଲେ,
ବୋଉ ହିଁ କାରଣ ଖୋଜେ,
ବାପାଙ୍କର ସେଇ ପୁରୁଣା ସଂଳାପ
ପିଲାଟା ଆମର ବା'ଜେ ॥

ବୋଉ ଗପିଦିଏ ଦୁନିଆ ଟା ସାରା
ଜିତିକି ଆସିଲେ ପୁଅ,
ବାପା ହିଁ ଗମ୍ଭୀର ଭାବରେ କୁହନ୍ତି
ସେମିତି କିଛି ଏ ନୁହଁ ॥ ❐





# ଶିକ୍ଷା

**ଜଗଦିଶ୍ ନାୟକ**
ଫିଟର୍ (୨୦୨୨-୨୦୨୪)

ବିଦ୍ୟାଳୟ ଅଟେ ଆମ ମନ୍ଦିର
ଗୁରୁମା ଗୁରୁଜୀ ଆମ ଈଶ୍ୱର
ଆମେ ସବୁ ଅଟୁ କୁନି ଭକତ
ତାଙ୍କ ଆଶୀର୍ବାଦେ ଜିତୁ ଜଗତ ॥
ଅନ୍ଧାର ପଥରେ ଗୁରୁ ଆଲୋକ
ଶିକ୍ଷା ଦିଅ ତୁମେ ଆମ ଶିକ୍ଷକ
ଯାହା ବି ଶିଖିଛୁ ତୁମ କୃପାରୁ
ପାଶୋରି ଯିବୁନି କେବେ ମନରୁ ॥
ତୁମ ପାଇଁ ଦିନ ଗୁରୁଦିବସ
ରହିଥାଉ ତୁମ ସ୍ନେହ ଆଶିଷ,
ହୃଦୟରେ ହୁଏ ତୁମରି ପୂଜା
ଶିକ୍ଷା ଦୁନିଆରେ ତୁମେ ହିଁ ରାଜା ॥
ଦୁନିଆଟା ଯଦି ଅନ୍ଧାର ହୁଏ
ଶିକ୍ଷାର ପ୍ରଦୀପ ଜାଳିବ କିଏ ?
ଶିକ୍ଷାର ପ୍ରଦୀପ ଜାଳିବା ପାଇଁ
ଶିକ୍ଷକ ସାଜିଲ ଦୁନିଆ ପାଇଁ ॥
ଶାନ୍ତ ଓ ସରଳ ସ୍ୱଭାବ ଯାହାର
ସୁମଧୁର ଯା'ର ଭାଷା,
ପଢାନ୍ତି ସେ ପାଠ ଦେଖାନ୍ତି ସେ ବାଟ
ଦିଅନ୍ତି ନବୀନ ଆଶା ॥
ସେନେହ ବରଷି ପ୍ରେମକୁ ପରଷି
କିଣନ୍ତି ଶିଶୁଙ୍କ ମନ,
ନୂତନ ପ୍ରତିଭା ପ୍ରସ୍ଫୁଟିତ କରି
ବାଣ୍ଟିଥାନ୍ତି ନିଜ ଜ୍ଞାନ ॥
କେତେ ଦୁଷ୍ଟ ମନା ଶିଷ୍ଟ ହୋଇଯାନ୍ତି
ଛାଟର ପ୍ରହାର ଖାଇ
ବିଜ୍ଞଗୁଣୀ ହୋଇ ପ୍ରତିଷ୍ଠା ପାଆନ୍ତି
ତାଙ୍କରି ଆଶିଷ ପାଇଁ ॥ ❐



# ମିଛ ସମ୍ପର୍କ

**ରାଜ ସାଗର ଟୁଡୁ**
ଇଲେକ୍ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ଜୀବନରେ ଯେଉଁ ଲୋକମାନେ
ଆପଣା ଲୋକଙ୍କୁ ଦୂରେଇ ଦେବାକୁ ଚାହାନ୍ତି,
କୌଣସି ନା କୌଣସି କାରଣ ମାଧ୍ୟମରେ
ଦୋଷୀ କରି ଦିଅନ୍ତି ଅନ୍ୟମାନଙ୍କୁ .....

ନିଜଦୋଷ ଅନ୍ୟ ଉପରେ ଲଦି ଦିଅନ୍ତି
ଦୂରେଇ ଯାଆନ୍ତି ଦୂରକୁ ଦୂରକୁ,
ନୀରବତା ଏବଂ ଧୈର୍ଯ୍ୟ ଦୂରେଇ ଦେଇ
ଅହଂ ଭାବକୁ କୋଳେଇ ନିଅନ୍ତି .....

ସମୟର ସ୍ରୋତରେ ନୀରବି ଯାଆନ୍ତି କେବେକେବେ
ଆଉ କେବେ ପରିସ୍ଥିତିକୁ ସାମ୍ନା ବି କରିପାରନ୍ତି ନାହିଁ...
ସାମ୍ନା କରିପାରନ୍ତିନି ଦୂରେଇ ଦେଇଥିବା ଲୋକମାନଙ୍କୁ...
ବିପଦକୁ ସାମ୍ନା କରିବାର,
ନା ଥାଏ ତାଙ୍କର ଧୈର୍ଯ୍ୟ, ନା ଥାଏ ସାହାସ,
ନା ଭଗବାନଙ୍କ ଉପରେ ବିଶ୍ୱାସ...
ସଂସାରରେ କୌଣସି ବି ସମ୍ପର୍କକୁ ବଞ୍ଚାଇ ପାରନ୍ତିନି
ହାରି ଯାଆନ୍ତି ସବୁ ସ୍ଥାନରେ, ସମସ୍ତଙ୍କ ପାଖରେ ..... ❐





# ମମତାମୟୀ ମା'

**ଶିବ ମାଝି**
ଇଲେକ୍‌ଟ୍ରିସିଆନ୍ (୨୦୨୨-୨୦୨୪)

ପୃଥିବୀ ପୃଷ୍ଠର ପ୍ରଥମ ଆଲୋକ
ଦେଖିଅଛୁ ଯାହା ପାଇଁ
ମନର ଆବେଗ କହିବା ପୂର୍ବରୁ
ବୁଝିପାରେ ଏକା ସେହି
ପାଦରେ ମୋହର କଣ୍ଟା ଫୁଟି ଗଲେ
ଛାତିରୁ ରକତ ଯାହାର ଝରେ
ବିନା - ଦ୍ୱିଧାରେ ସହିଯାଏ ସବୁ
ମୋ ଅଳି-ଅର୍ଦ୍ଦଳି ନିଜର କରେ।

ଈଶ୍ୱରଙ୍କର ଏ ବିଚିତ୍ର ଲୀଳା
ମା' ରୂପେ ସିଏ ଦେଲେ ସାହାରା
ଦେବତା ତୁଲ୍ୟ ହୃଦୟ ତା'ର
ସେନେହ ପୀରତି ସରାଗ ଭରା
ତାହାରି ବାଣୀ ଶକତି ମୋର
ମୋ ବଞ୍ଚିବାର ସେହି ସାହାରା। ❐



# ମା' ପରା ସିଏ

**ଗୌରି ମଣ୍ଡଳ**
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ସେନେହ ପରଶ ଦିଏ ବିନା ସ୍ୱାର୍ଥେ ଯିଏ
କୋମଳ ଓଠରେ କହିବା ଶିଖାଏ
ଦୁନିଆଁ ଦେଖାଏ ନୟନ ଖୋଲି
ମମତା ଭରା ହୃଦୟରେ
କଠିନ ପଥରେ ଚାଲିବା ଶିଖାଏ
ଝୁଣ୍ଟିବା ଆଗରୁ ପାଛୋଟି ନିଏ
ମା' ପରା ସିଏ
ସାରା ରାତି ଚାହିଁ କୋଳେ ଶୁଆଏ।
ସ୍ନେହରେ ନଥାଏ ଊଣା
ଖାଇବା ଶିଖାଏ ନାନା ଲୋରି ଗାଇ
କୋଳଟି ତାହାର ନିଦ୍ରାର ଘର
ଆତ୍ମା ହୋଇଯାଏ ତୃପ୍ତି
ଆମ ଜୀବନର ମଙ୍ଗଳ ମନାସି
ମମତା ଧାରାରେ ଭସାଏ ଯିଏ
ମା' ପରା ସିଏ
ମା' ପରା ସିଏ
ମା' ପରି ହେବ କିଏ? ❐



# ମା' କବିତା

**ରୋହିତ ପ୍ରଧାନ**
ଇଲେକ୍‌ଟ୍ରୋନିକ୍ସ ମେକାନିକ୍
(୨୦୨୨-୨୦୨୪)

ମା ହାତ ରନ୍ଧା ସୁଆଦ ଭାରି
ତା କଥାବାର୍ତ୍ତା ଅମୃତ ପରି...
ମୋ ଓଦାହାତ ଶିଙ୍ଘାଣି ଝାଳ
ମା ପୋଛିଦିଏ ପଣତେ ତାର...
ଆ ଧନମଣୀ ଡାକିଲେ ସିଏ
ମୁଁ ଧାଇଁଗଲେ କୋଳକୁ ନିଏ...
ସେ କାଖେ ଧରି ଦେଖାଏ ଶଶୀ
ମୋ ଗାଲ ଚୁମି ଦିଅଇ ହସି...
ଧୋ ନାନାବାୟା ଗୀତଟି ଗାଏ
ତା କାନି ଢାଙ୍କି ଶୁଆଇ ଦିଏ... ❐







## ବହି

ଗୁରୁପ୍ରୀତି ସିଂହ
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୧-୨୦୨୩)

ବହି... ବହି... ବହି..., ବହି... ବହି... ବହି...
ଦିନଟେ ତୋତେ ନ ପଢ଼ିଲେ ମୁଁ ପାରେନା ଜମା ରହି
ବହି... ବହି... ବହି ।
ତୋତେ ଯିଏ ପଢ଼େ, ଜ୍ଞାନ ଗୁଣରେ ବଣା ହୁଅଇ ସେହି
ବହି... ବହି... ବହି ।
ତୋହରି କେହି କରିଲେ ନିନ୍ଦା ହୁଏନି ଟିକେ ସହି
ବହି... ବହି... ବହି।
ଉପକାର ତୁ କରୁଛୁ ଯେତେ, ପାରିବି ମୁହିଁ କହି
ବହି... ବହି... ବହି।
ପିଲାଠୁ ବୁଢ଼ା ସଭିଏଁ ମୂର୍ଖ ତୋତେ ଯିଏ ଛୁଇଁ ନାହିଁ
ବହି... ବହି... ବହି।
ତୁ ଅଛୁ ବୋଲି ଲାଗୁଛି କେତେ; ସୁନ୍ଦର ଏହି ମହୀ
ବହି... ବହି... ବହି । ❒

## ପ୍ରିୟ ମୋର ଗାଁ

ଅଲିଶା ଡାଡେଲ୍
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ଗାଁଟି ମୋର 'ରାମପୁର'
ରହିବାକୁ ଲାଗେ ଅତି ସୁନ୍ଦର
ଚାରିଆଡେ ଦିଶେ ଗିରିବନ
ଗାଁକୁ ଯିବାକୁ ବିକଳ ମନ ॥

ଜନ୍ମ ମୁଁ ହେଇଛି ସେଠି
ଗଡିଆରେ କଇଁଫୁଲ ଯାଏ ଲଟି
ଭୁଲିପାରୁନି ମୁଁ ଗାଁକୁ
କୁନିବେଳେ ଯାଉଥିଲି ମନ୍ଦିରକୁ ॥

ଗାଁ ବଗିଚାରେ କେତେ କୁନି ଫୁଲ
ଠାକୁର ପୂଜାରେ ଲାଗେ
ଗାଁଟି ମୋହର ଅତୀବ ସୁନ୍ଦର
ମୋତେ ଭାରି ଭଲ ଲାଗେ ॥ ❒

---



## ଦେଶଭକ୍ତଙ୍କ ବୀର କଥା

ମୃତ୍ୟୁଞ୍ଜୟ ଘଡେଇ
ଇଲେକ୍‌ଟ୍ରୋନିକ୍ସ ମେକାନିକ୍
(୨୦୨୧-୨୦୨୩)

ଥିଲେ ଜଣେ ଆମ ଦେଶର ବୀର
ଅଟଇ ବାଜପେୟୀ ନାମ ତାଙ୍କର
ଜାତି ପାଇଁ ସିଏ ଦିବସ ରଜନୀ
କାମକରି ହୋଇଗଲେ ଅମର ॥

ଥିଲେ ସେ ଦେଶର ପରମ ଭକ୍ତ
ହୃଦୟ ତାଙ୍କର ବଜ୍ରଠୁ ଶକ୍ତ
କାରଗିଲ୍ ଅବା ପୋଖରାନ୍ ଗାଥା
ସଫଳତା ସବୁ ଅଟେ ତାଙ୍କର ॥

କଣ୍ଠେ ଥିଲେ ତାଙ୍କ ମା' ସରସ୍ୱତୀ
କରିଗଲେ କେତେ ସାହିତ୍ୟ ସୃଷ୍ଟି
ସେହି ବୀରଙ୍କର ନାମଟି ଅଟଳ
ଟଳମଳ ନୁହେଁ ପାଦ ତାଙ୍କର ॥



ମରିବି ଅମର ମରଣ ଜୟୀ
ରତ୍ନଧାରୀ ସେହି ପ୍ରଧାନମନ୍ତ୍ରୀ
ସ୍ୱପ୍ନ ଦେଖି ହୋଇବାକୁ ତାଙ୍କ ପରି
ପଦରେ ପ୍ରଣାମ କର ତାଙ୍କରି ॥ ❒



# ମାଟି ମାଆ

**ରୂପାଲି ଜାନି**
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୨-୨୦୨୪)

ମାଟିର ମହତ କିଏ ବା ବୁଝିବ
କିଏ ବା ଦେବ ତା ମୁଲ
ମାଟି ପରା ଅଟେ ମାତୃଭୂମି ଆମ
ତା ଆଗେ ସବୁ ଅମୁଲ ॥୧॥

ବୀର ଯବାନଙ୍କ ପାଇଁ ଏଇ ମାଟି
ଅଟଇ ମାଆ ସମାନ
ଖାତିର ନ କରି ଜୀବନ କୁ ତାର
ରଖେ ଏ ମାଟିର ମାନ ॥୨॥

କୃଷକଟେ ପାଇଁ ମାଟିର ଶରଧା
ରହିଛି କେଉଁ କାଳରୁ
ବରଷା ପାଣିରେ କାଦୁଅ ମାଟିରେ
ଫଳାଏ ସେ ଶସ୍ୟ ତରୁ ॥୩॥

ସରିବ ନିଶ୍ୱାସ କି ଅବା ବିଶ୍ୱାସ
ନେଲେ ସେ ଦିନେ ବିଦାୟ
ଏ ମାଟିର ଦେହ ମାଟିରେ ମିଶିବ
ମାଟି ଆମ ପରିଚୟ ॥୪॥

ମାଟି ମାଆ ଆମକୁ କିସ ବା ଦେଇନି
ଦେଇ ଅଛି ଖାଦ୍ୟ, ଶସ୍ୟ
ଛାତିକୁ ତାହାର ଚିରିଦେଲେ ମିଳେ
ଯୁଗଯୁଗ ଇତିହାସ ॥୫॥

କାଠ ତ ଦେଇଛି ଘର କରିବାକୁ
ଛପର ପାଇଁକି ନଡା
ପରିବା ଶାଗ ତ ଦେଇଛି ଅଜାଡି
ଯାହାକୁ ଯେପରି ଲୋଡା ॥୬॥

ମୁଗ, ବିରି, ଧାନ, ଗହମ, ମାଣ୍ଡିଆ
କିସ ସିଏ ଦେଇ ନାହିଁ
ସବୁଜ ସୁନ୍ଦର ରୂପଟିକୁ ତାର
କିଏ ବା ଭୂଲିବ କାହିଁ ॥୭॥

ଛାତିରେ ତାହାରି କେତେ ଯେ ପାହାଡ
ପରବତ ଏଠି ସେଠି
କେତେ ନିରିମଳ ଝର ଫିଟି ପଡେ
ତାଡି ଦେଲେ ଟିକେ ମାଟି ॥୮॥

ଖଣି ଓ ଖାଦନ କେତେ ଯେ କେଜାଣି
ମାଟି ତାଡି ଦେଲେ ମିଳେ
ଲୁହା, ମାଙ୍ଗାନିଜ୍, ପେଟ୍ରୋଲ, କୋଇଲା
ସବୁ ମାଟି ତଳେ ମିଳେ ॥୯॥

ଯାହା ଯେତେବେଳେ ଯିଏ ଖୋଜିଥାଏ
ତାହାକୁ ସେ ଯାଚିଦିଏ
ସେନେହ ମୟୀ ସେ ମାଟି ମାଆ ଆମ
ତା ପରି ଆଉ ବା କିଏ ॥୧୦॥





# ଯୀଶୁ କଲେ ପାପ କ୍ଷମା

ହୀରାମଣି ଜାନି
ଇଲେକ୍‌ଟ୍ରୋନିକ୍ସ ମେକାନିକ୍ (୨୦୨୧-୨୦୨୩)

ନାଁଟି ତାଙ୍କର ଦୁଇ ଅକ୍ଷର
ଶୁଣିବାକୁ ଲାଗେ ଅତି ମଧୁର
ପାପ କ୍ଷମା ପାଇଁ ଜଗତକୁ ଆସି
କଲେ ପ୍ରେମ ଭକ୍ତି ସେବା ପ୍ରଚାର ॥

କେତେ ଯେ ତାଡ଼ନା ସିଏ ସହିଲେ
ପାପକୁ ଆମର କ୍ଷମା କରିଲେ
ଧନ୍ୟ ! ଧନ୍ୟ ! ଧନ୍ୟ ! ଈଶ୍ୱର ତୁମ୍ଭେ
ସାଇଁ ହେଲ ତୁମ୍ଭେ ସାରା ବିଶ୍ୱର ॥

ଅତୁଳନୀୟ ଯେ ପ୍ରେମ ତାଙ୍କର
କିଏ ବା ଶୁଝିବ ଋଣ ତାଙ୍କର
ପାପ ନେଇ ପ୍ରେମ ବାଣ୍ଟିଲେ ଧରାରେ
କହିଲେ ଜୀବନ ସତ୍ୟ ସୁନ୍ଦର ॥

ଥିଲା ତାଙ୍କ ଆତ୍ମା ମନ ପବିତ୍ର
ଧରିତ୍ରୀବାସୀଙ୍କୁ କଲେ ଧାର୍ମିକ
ଜଗତବାସୀଙ୍କ ପାପ କଲେ କ୍ଷମା
କହିଲେ ନର୍କକୁ ଭୟ ନ କର ।

ଆନନ୍ଦ କର ହେ ଧରିତ୍ରୀବାସୀ
ମୃତ୍ୟୁ ପରେ ହୋଇବ ସ୍ୱର୍ଗବାସୀ
ଶରଣରେ ମୋର ସଦା ରହିଥିବ
ତୁମେ ମୋ ନିଜର ମୁଁ ତୁମର ॥ ❒

# ମୋ ମାଆ

ଗୌରହରି ବାଗ୍
ଫିଟର୍ (୨୦୨୨-୨୦୨୪)



କଣ ଲେଖିବି ମୁଁ ମାଆ, ତୋ ବିଷୟରେ
କାରଣ ଲେଖିବା ବି ତ ତୁ ହିଁ ମୋତେ ଶିଖେଇଛୁ
ଏ ଜୀବନ ତ ବାସ୍, ମୋତେ ତୋ ଠୁ ହିଁ
ମିଳିଛି ମାଆ...

ତୁହିଁ ତ ମୋତେ ଏ ଦୁନିଆକୁ ଆଣିଛୁ ନା...
ପିଲାଦିନେ ଯେବେ ବି କେବେ
ମୁଁ ଚାଲୁ ଚାଲୁ ଟଳମଳ ହେଇଯାଏ
ମୁଁ ପଡିବା ଆଗରୁ, ମୋ ହାତ ଧରିବାକୁ
ତୁ ଆଗୁଆ ଚାଲି ଆସୁଥିଲୁ ॥

କେତେ ପୁରା ରାତି ଚେଇଁ ବସି ତୁହି
ମୋତେ ତୋ କୋଳରେ ତୁ ଶୁଆଇଛୁ...
କେବେ ପୁଣି ବାପାଙ୍କ ଗାଳିରୁ ମୋତେ
ବଞ୍ଚେଇଛୁ ଆସି ମାଲୋ ତୁହି
ଏ ଜୀବନରେ ବଞ୍ଚିବାର ତରିକା
ମୋତେ ତୁ ହିଁ ତ ଶିଖେଇଛୁ ମାଆ...

ମୋ ପସନ୍ଦର କେତେ ଖାଇବା ତୁ ମୋ ପାଇଁ ବନେଇଛୁ...
କେତେ କଥା ଶିଖେଇଛୁ, କେତେ ବିଶ୍ୱାସ ଦେଇଛୁ
ଜୀବନରେ ମୁଁ ଯେତେଥର ହାରିଯାଏ, ମୋତେ ସାହସ ଦେଇଛୁ
ଜୀବନ କ'ଣ ? ସମାଜ କ'ଣ ?
କେମିତି ଚଳିବି, କାହାକୁ କେମିତି ବ୍ୟବହାର ଦେଖାଇବି
କେତେ କ'ଣ ନ ଶିଖେଇଛୁ ତୁ ମା'..... !

କେବେ ବାପାମାଆଙ୍କୁ ଅନାଦର କରିବନି
ଯେତେ ଦିନ ଯାଏଁ ସେମାନେ ଆମ ପାଖରେ ଥିବେ
ଆମେ ସେମାନଙ୍କ ମହତ୍ତ୍ୱ ବୁଝିପାରିବାନି
କିନ୍ତୁ ଥରେ ପାଖରୁ- ହଜିଗଲା ପରେ....
ସବୁ ସରିଯାଏ, ସବୁ ଅନ୍ଧାର ହୋଇଯାଏ !

ମୁଁ ମାନୁଛି କି, ମୁଁ କେବେ ବି ତୋତେ
ଏ କଥା କହି ନ ଥିଲି ନା ମାଆ...
ତୁ ତ ଜାଣିଛୁ ନା.... ! ମୁଁ ତୋତେ କେତେ ଭଲପାଏ ।
ଆଇ ଲଭ୍ ୟୁ ମାଆ... ❒





# ଆମ କଲେଜ

**ତୁଷାରକାନ୍ତ ପ୍ରଧାନ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ପାଠପଢ଼ା ଆରମ୍ଭ ହେଲା ଦିନରୁ
ବଢ଼ିଅଛି ମନୋବଳ
ଶିକ୍ଷକମାନଙ୍କ ସୁନ୍ଦର ପଢ଼ାରେ
ଭବିଷ୍ୟ ଆମ ଉଜ୍ଜ୍ୱଳ ॥୧॥

ପରୀକ୍ଷା ବେଳକୁ ଶିକ୍ଷକ ଆମକୁ
ଦେଉଥାନ୍ତି ଆଶ୍ୱାସନା
କିଟ୍ ଆଇଟିଆଇ ଛାତ୍ରଛାତ୍ରୀଙ୍କର
ସର୍ବଦା ଉଚ୍ଚ ଭାବନା ॥୨॥

ପାଠପଢ଼ା ସାଥେ ଖେଳ ନାଚ ଗୀତ
ସବୁ ଆମ ମନ ମୋହେ
ସାରା ଓଡ଼ିଶାରେ ଶ୍ରେଷ୍ଠ ଆଇଟିଆଇ
ଆମର ବୋଲି ମୁଁ କୁହେ ॥୩॥

ଏହିଠାରେ ପଢି ଜୀବନକୁ ଗଢି
ଆଗକୁ ମୁଁ ମାଡିଯିବି
ହୃଦୟରେ ମୋର କିଟ୍ ଆଇଟିଆଇ
ପ୍ରତିଛବି ଆଙ୍କିଦେବି ॥୪॥

ପ୍ରଥମ ବର୍ଷ ଦ୍ୱିତୀୟ ବର୍ଷ
ଧୀରେ ଧୀରେ ଯିବ ବିତି
ଭୁବନେଶ୍ୱରର ଏହି ଅନୁଷ୍ଠାନ
ହୋଇ ରହିବ ମୋ ସ୍ମୃତି ॥୪॥ ❐

# ବୋଉ



**ବନ୍ଦନା ବାହେଲ**
ଟେକ୍‌ନିକାଲ ଆସିଷ୍ଟାଣ୍ଟ
(ସହ-ସମ୍ପାଦିକା 'କୁଶଳୀ')

ବୋଉର ଧାଡିଏ କଥା ମୁଁ ମାନିନି
'ଦଉଡ' ନା ବାବୁ ଯଦି ପଡି ଯିବୁରେ .....!
ଦୌଡିକି ପଡିଛି ଆଜି ବି ଦୌଡୁଛି
ନିଜକୁ ରଖିନି ନିଜ କାବୁରେ।

ପାଞ୍ଚଟା ଲୋକଙ୍କୁ ପାଞ୍ଚ ପ୍ରକାରର
ରାନ୍ଧିକି ଦେବାରେ ଆନନ୍ଦ ପାଏ,
ହେଲେ କେବେ ଆଗ ଖାଇବା ଦେଖିନି
ବଳିଯାଏ ଯାହା ତାକୁ ହିଁ ଖାଏ।

ବର୍ଷା, ଇଲିଶି ଓ ବାଲିଛତୁ ...
ବର୍ଷା କଥା ଆସିଲେ ଯେମିତି ମନରେ
ଆସେ କାଗଜ ଡଙ୍ଗା କଥା, ସେମିତି
ମନରେ ଆସେ ଇଲିସି ଶୁଖୁଆ
ଓ ବାଲିଛତୁର କଥା...
ତା ସାଥିରେ ମନେପଡ଼େ ମୋ ବୋଉର
ଧାଡ଼ିଏ କଥା...
'ଦଉଡ' ନା ବାବୁ ଯଦି ପଡି ଯିବୁରେ .....! ❐



# ଆଜିର ଦୁନିଆ

**ଅସୀମ କୁମାର ସାହୁ**
ଇଲେକ୍ଟ୍ରିସିଆନ୍ (୨୦୨୨-୨୦୨୪)

ପୂର୍ବେ ଲୋକେ ସବୁ କୂଅ ପାଣି ପିଇ
ବଞ୍ଚୁଥିଲେ ଶହେ ବରଷ
ଏବେ ଫିଲ୍ଟର ପାଣି ପିଇ
ବଞ୍ଚିବା ବହୁତ କଷ୍ଟ ଷାଠିଏ ବରଷ।

ପୂର୍ବେ ଘଣା ତେଲ ଖାଇ
ବୃଦ୍ଧାବସ୍ଥାରେ ଖଟି ପାରୁଥିଲେ
ଏବେ ଭିଟାମିନ୍ ତେଲ ଖାଇ
ଅଳପ ଦିନରେ ଶକ୍ତିହୀନ ହେଇଗଲେ।

ପୂର୍ବେ ଲୋକେ ଦାନ୍ତ ଘଷୁଥିଲେ
ନିମ, କରଞ୍ଜ, ଅଙ୍ଗାରରେ
ଅଙ୍ଗାରରେ ଦାନ୍ତ ଘଷି ପୁଣି
ସମସ୍ୟା ନ ଥିଲା ଦାନ୍ତରେ।

ଏବେ ଲୋକେ ଘଷୁଛନ୍ତି
କେତେ ପ୍ରକାରର ଟୁଥ୍‌ପେଷ୍ଟ
ଟୁଥ୍‌ପେଷ୍ଟ ଘଷିଲେ କଣ ହେବ
ସମସ୍ୟା ବାହାରୁଛି ଦାନ୍ତରେ।
ପୂର୍ବେ ପାଞ୍ଚ, ସାତ ଛୁଆର ମା
ବୃଦ୍ଧାବସ୍ଥା ଚାଷ କରୁଥିଲା
ଏବେ ପ୍ରଥମ ଦିନରୁ ଚିକିତ୍ସା ଆରମ୍ଭ
ଶେଷରେ ପେଟ ଚିରି ଛୁଆର ଜନମ ହେଲା।

ପୂର୍ବେ ହାଣ୍ଡିଗୁଡ ଖାଦ୍ୟ ଖାଇ
ନଥିଲା ତ ରୋଗ କିଛି
ଏବେ ମିଠା ନ ଖାଇ
ସଭିଙ୍କର ମଧୁମେହ ବାହାରୁଛି।

ପୂର୍ବେ ଲୋକେ ଚାଟଶାଳି ଯାଇ
ଭଦରାମି ରଖୁଥିଲେ
ଏବେ କେତେ ବିଶ୍ୱବିଦ୍ୟାଳୟ ଯାଇ
ଭଦରାମି ଭୁଲିଗଲେ।

ଆଗେ ଲୋକମାନେ ଅଳ୍ପ ପାଠ ପଢ଼ି
ପଣ୍ଡିତ ବୋଲାଉ ଥିଲେ
ଏବେ ପୁଞ୍ଜା ପୁଞ୍ଜା ଡିଗ୍ରୀ ଧାରୀ ହୋଇ
ମୂରୁଖେ ଗଣତି ହେଲେ। ❒

# ବିଶ୍ୱାସ



**ମାଧବ ଚନ୍ଦ୍ର ବିଶ୍ୱାଳ**
ଇଲେକ୍ଟ୍ରୋନିକ୍ସ ମେକାନିକ୍
(୨୦୨୧-୨୦୨୩)

ଆମ ଜନ୍ମଦାତା ଆମ କର୍ମକର୍ତ୍ତା ଆମଠାରେ ତାଙ୍କ ବିଶ୍ୱାସ,
ନ ବୁଝି ନ ସୁଝି କାମ କରି ତୁମେ ନ ହରାଅ ତାଙ୍କ ବିଶ୍ୱାସ ॥

ଜୀବନ ରଖିକି ସପନ ଦେଖିଲେ ସୁଖ ଲାଗେ ଆମ ଭାବନା,
ସେହି ସପନଟି ସତ ହୋଇଗଲେ ମନ ହୁଏ ଆନମନା ॥

ଟିକି ଫୁଲଟିଏ ହସୁଥାଏ ଖାଲି ନ ଥାଏ ତା ମନେ ଦ୍ୱନ୍ଦ,
ମନ ଦୁଃଖ ରଖି ଭାବନା ରଖିଲେ ଜୀବନଟା ଲାଗେ ଅନ୍ଧ ॥

ପର ନିନ୍ଦା ଚର୍ଚ୍ଚା କେବେ ନ କରିବା ଭାଙ୍ଗିବାନି କାହା ବିଶ୍ୱାସ,
ଜାଣି ପାରିବାନି ହାରିଯିବା କେବେ ପଡ଼ିଯିବ କାହା ନିଶ୍ୱାସ ॥ ❒



# ଜୀବନ ସୂତ୍ର

**ପୂର୍ଣ୍ଣିମା ବିଶ୍ୱାଳ**
ଇଲେକ୍ଟ୍ରିସିଆନ୍ (୨୦୨୨-୨୦୨୪)

ଜୀବନରେ ଶହେଟି ବନ୍ଧୁ ନୁହେଁ...
ଗୋଟିଏ ହୃଦୟ ବୁଝିପାରୁ ଥିବା ବନ୍ଧୁ ଦରକାର,
ଯିଏ ଦୁଃଖ ସୁଖରେ ସାଥିରେ ଥିବ... (୧)

କେବେ ବି ନିଜକୁ ଛୋଟ ମନେ କରନ୍ତୁ ନାହିଁ,
ମନେରଖ ପାଦ ତଳର  ଦୁବଘାସ ପୂଜାରେ ଲାଗେ,
ମୁଣ୍ଡ ଉପରେ ଥିବା ବିଶାଳ ତାଳ ଗଛ ନୁହେଁ.... (୨)

ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରନ୍ତୁ ନାହିଁ
କାହିଁକି ନା ପ୍ରତ୍ୟେକ 'ଫଳ' ଗୋଟିଏ ଭଳି ହୋଇନଥାଏ
'ସ୍ୱାଦ' ଭିନ୍ନ ରହିଥାଏ... (୩)

ଯେତେ କଷ୍ଟ ଅଙ୍କ ହେଉ ପଛେ
ଯଦି ସୂତ୍ର ଆପଣ ଜାଣିଛନ୍ତି ଅଙ୍କ ସରଳ ଲାଗିବ....
ସେହିପରି ଜୀବନରେ ଯେତେ ଅସୁବିଧା ହଉ
ଯଦି ଆପଣଙ୍କ ପାଖରେ ଧୈର୍ଯ୍ୟ ଅଛି
ତେବେ ସମାଧାନ ବାଟ ସରଳ ଲାଗିବ (୪)

ଜୀବନରେ ଗୋଟାଏ କଥା ମନେ ରଖିଥିବ
କିଏ କିଛି ବି କହୁ ନିଜେ ନିଜକୁ 'ଶାନ୍ତ' ରଖିବ
କାରଣ 'ଖରା' ଯେତେ ବି 'ଟାଣ' ହୋଇଥାଉ ନା କାହିଁକି
ସମୁଦ୍ର କେବେ ଶୁଖିଯାଏ ନାହିଁ... (୫)

ଖରାଦିନେ ଯେଉଁ ସୂର୍ଯ୍ୟକୁ ଲୋକମାନେ ନିନ୍ଦା କରିଥାନ୍ତି...
ଶୀତଦିନେ ସେହି ସୂର୍ଯ୍ୟକୁ ଅପେକ୍ଷା କରିଥାନ୍ତି...
ତେଣୁ କରି କାହାକୁ ହେୟ ଜ୍ଞାନ କରନ୍ତୁନି
କାରଣ ସମସ୍ତ ଜୀବନର କିଛି ନା କିଛି ଆବଶ୍ୟକତା ଅଛି... (୬)

ସର୍ବଦା ଅନ୍ୟର ଭୁଲ୍  ଖୋଜୁଥିବା ମଣିଷର ସ୍ୱଭାବ
ସେହି ମାଛିମାନଙ୍କ ପରି ହୋଇଥାଏ
ଯିଏ କି ଶରୀରର ସବୁଠୁ ସୁନ୍ଦର ଅଙ୍ଗପ୍ରତ୍ୟଙ୍ଗ ଛାଡି
କେବଳ କ୍ଷତ ସ୍ଥାନରେ ହିଁ ବସିଥାଏ ... (୭)

ଜୀବନରେ କାହାକୁ 'କନ୍ଦେଇ' ଦାନ ଧର୍ମ କଲେ
କିଛି ବି ଲାଭ ନାହିଁ
ଯଦି 'ଦୁଃଖୀ' ମଣିଷଟିଏର ମୁହଁରେ ହସ ଫୁଟାଇ ପାରିଲ
ତେବେ 'ମନ୍ଦିର' ଯିବାକୁ ପଡିବନି... (୮)

ଆଜିକାଲି ସାଙ୍ଗମାନଙ୍କ ମଧ୍ୟରେ କି ସମ୍ପର୍କ !
ସବୁ ପୂର୍ଣ୍ଣିମାର ଚନ୍ଦ୍ର ପରି, ଗୋଟିଏ ରାତିର ସ୍ୱପ୍ନ ପରି
ଯାହାର ସକାଳକୁ କୌଣସି ଚିହ୍ନ କି ବର୍ଣ୍ଣ ନ ଥାଏ... (୯)

ବଗିଚାରେ ମାଳି ପ୍ରତିଦିନ ପାଣି ଦେଇଥାଏ
କିନ୍ତୁ ଫୁଲ ସମୟ ଆସିଲେ ହିଁ ଫୁଟିଥାଏ,
ଠିକ୍ ସେମିତି ପ୍ରତିଦିନ ଭଲ କାମ  କରିଚାଲ
ସମୟ ଆସିଲେ ଫଳ ନିଶ୍ଚିତ ମିଳିବ... (୧୦)

ଅନ୍ଧକାର ଯେତେ ବି ଭାରି ହୋଇଥାଉ ନା କାହିଁକି
ଏ ରାତି ନିଶ୍ଚୟ ପାହିବ, ପୁଣି ନୂଆ ସକାଳ ଆସିବ...
ବାସ୍ କିଛି ଧୈର୍ଯ୍ୟର ଆବଶ୍ୟକତା... (୧୧) ❐





# ପ୍ରଥମ ପ୍ରେମ

**ଦେବ ନାରାୟଣ ବାରିକ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

କିଏ କେବେ କ'ଣ ପ୍ରଥମ ପ୍ରେମକୁ
ହୃଦୟରୁ ପାରେ ଭୁଲି,
ସମୟର କୋଳେ ସବୁ ହଜିଯାଏ
ସ୍ମୃତି ରହିଯାଏ ଖାଲି ॥

ମନ ଦେଇ ଯିଏ ପାଇଥାଏ ଭଲ
ସୁଖ ଦୁଃଖ ଜାଣେ ସିଏ
ଦୁନିଆଁ ଆଖିରେ ହସୁଥାଏ ସିନା
ମନେ ମନେ କାନ୍ଦୁଥାଏ ॥



ଅଭୁଲା ଅତୀତ ଆଖି ଅନ୍ତରାଳେ
ଲୁହ ହୋଇ ବହିଯାଏ,
ମନର ବେଦନା ନ ବୁଝି ଦୁନିଆଁ
ପାଗଳାମି ବୋଲି କହେ ॥

ଦିନ ବିତିଯାଏ ସମୟ ସ୍ରୋତରେ
ଲିଭିଯାଏ ସବୁ ଚିହ୍ନ,
ସ୍ମୃତି ରହିଯାଏ ହୃଦୟ କନ୍ଦରେ
ଥିବାଯାଏ ଏ ଜୀବନ ॥

ପୁନେଇ ରାତିରେ ଚକା ଜହ୍ନପରି
ହୃଦୟେ ପ୍ରଥମ ପ୍ରେମ,
ଶାଶ୍ୱତ ପ୍ରେମରେ ପ୍ରେମୀ ପାଇଁ ଏହା
ଅଟଇ ଅମୃତ ସମ ॥ ❒



# ସେଇ ମୋର ଛୋଟ ଗାଁ

**ସୁଚିସ୍ମିତ ଭୋଇ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ଯେଉଁଠି ସକାଳେ ସିନ୍ଦୁରା ଫାଟିଲେ
କାଉ ଡାକ ଦିଏ କା' କା'
କୋଇଲିର କୁହୁ, ଫୁଲର ମହକେ
ବାରି ହୁଏ ଆମ ଗାଁ ।

ପାଦ ପାଉଁଜିର ଛମକ ଛମକ
ପ୍ରାଚୀ ନଈ ପଠା ତୁଠେ
ଥର ଥର କରି ଛାତି ଛୁଇଁଯାଏ
ସପନଟା ଚେଇଁଉଠେ ।

ସ୍ୱୟଂଶମ୍ଭୁ ସେଇ ନାଟକେଶ୍ୱରଙ୍କ
ବେଢା ହୁଏ ଗହ ଗହ
ଧୂପ ଧୂଆଁ ସାଥେ ଓଁ ନମଃ ଶିବାୟ
ପୁଣି ମହା ମୃତ୍ୟୁଞ୍ଜୟ ।

ଯେଉଁଠି ସଞ୍ଜରେ ନିତିଦିନ କଇଁ
ଜହ୍ନକୁ ଡାକେ ଆ.... ଆ....
ଭୂଗୋଳ ପୋଥିରେ ନାଁ ନାହିଁ ଯା'ର
ସେଇ ମୋର ଛୋଟ ଗାଁ । ❒



# ପଖାଳ

**ସିଦ୍ଧେଶ୍ୱର ବେହେରା**
ଇଲେକ୍‌ଟ୍ରିସିଆନ୍ (୨୦୨୧-୨୦୨୩)

ମାଟିହାଣ୍ଡି ରନ୍ଧା ପଖାଳ ପାଣି
ଆମ୍ବ ନାସି ଭଙ୍ଗା ବାସି ତୋରାଣି ।
ଶାଗ, ଦହି, ଲେମ୍ବୁ ସଜନା ଛୁଇଁ
ଆଳୁ ପୋଡ଼ା ସାଥେ ପତର ରାଇ ।
ବାଇଗଣ ପୋଡା ଚକଟା ଥିବ
ବଡି ଚୁରା ଟିକେ ସାଥିରେ ହେବ ।
ଆମ୍ବୁଲ ଶୁଖୁଆ ଲଙ୍କାଟେ ହେଲେ
ପଖାଳ ଭାତକୁ କିଏବା ଭୁଲେ ।
ଓଡ଼ିଆ ଖାଦ୍ୟର ରାଜା ପଖାଳ
ଖରାରେ ସବୁ ତା ପାଇଁ ପାଗଳ । ❒





# ମା'

**ଦିଲେଶ୍ୱର ସାହୁ**
ଇଲେକ୍‌ଟ୍ରିସିଆନ୍ (୨୦୨୧-୨୦୨୩)

ମା' ମୋର ସରଗର ତାରା
ତା ବିନା ଜୀବନ ଅଧୁରା ।
ନ ଖାଇ ନ ପିଇ ଆମକୁ ଦିଅଇ
ସେ ଆମ ଜୀବନର ଧାରା ।
ଦଶମାସ ଗର୍ଭେ ଧରି କରିଲା ଜନମ
ତେଲ ହଳଦିରେ ନେଲା ଦେହର ଯତନ ।
ମା'ର ମମତା ସ୍ନେହର ଦ୍ୱାର
ଯେଉଁଠାରେ ଫିକା ଭୋଗ ଆହାର ।
ଦୁଃଖ ସହି ସୁଖ ଆମକୁ ଦିଏ
ବିପଦେ ଆପଦେ ସାହା ସେ ହୁଏ ।
ମା'ଠାରୁ କେହି ବଡ଼ ନୁହଁଇ
ତା' ପଦ ସେବା ଭୁଲିବା ନାହିଁ ।
ସ୍ନେହ ମମତାରେ ତା' ବାନ୍ଧି ହୋଇ
ଭୁଲିଯିବା ଦୁଃଖ ତା' କୋଳେ ଶୋଇ । ❒



# ବାପାଙ୍କ ଗାଳି

**ଦେବ ନାରାୟଣ ବାରିକ**
ଇଲେକ୍‌ଟ୍ରିସିଆନ୍ (୨୦୨୧-୨୦୨୩)

ବାପାଙ୍କ ଗାଳିରେ କି ମନ୍ତର ଅଛି
ଜାଣନ୍ତି ଜାଣିବା ବାଲା,
ସେଇ ଗାଳି ଆଜି ଏଇ ସମାଜରେ
ମଣିଷଟେ ମତେ କଲା ।

କେତେ ଯେ ଆକଟ କେତେ କଟୁ କଥା
ଉପରକୁ କହୁଥାନ୍ତି
ଭିତରେ ଭିତରେ ଆମ ହିତ ପାଇଁ
ଶୁଭ ସେ ମନାସୁ ଥାନ୍ତି ।

ପାଠ ପଢିବାରେ ଧ୍ୟାନ ନ ରଖିଲେ
ଶୁଣାନ୍ତି ଅନେକ କଥା,
ସେ କଥାର ମୂଲ୍ୟ ଏବେ ମୁଁ ବୁଝୁଛି
ନଇଁଯାଏ ମୋର ମଥା । ❒





# କରୋନା କବିତା

**ରାଜେଶ ଦାସ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ବିଶ୍ୱରେ ଏମିତି ରୋଗ କେଉଁଠି ଯେ ଥିଲା
ଛୋଟ ବଡ଼ ସବୁ ଦେଶ କବଳିତ କଲା ।

ପ୍ରଥମେ ଜାଣିବା ଏହା କେଉଁଠୁ ଆସିଲା
କେମିତି କରିଲା ସବୁ ସ୍ଥାନେ ହାଲ୍ଲା-ଗୁଲ୍ଲା ।

ଉହାନ୍ ସହରରୁ ହୋଇ ଏହା ଜାତ
ଚାଇନାକୁ ପ୍ରଥମେ ଯେ କରିଦେଲା ନଷ୍ଟ ।

ଦ୍ୱିତୀୟ ପର୍ଯ୍ୟାୟରେ ବୁଲିଲା ଇଟାଲୀ
ତାଣ୍ଡବ ରଚିଲା ସବୁ ଦେଶ ବୁଲି ବୁଲି ।

ପ୍ରଧାନମନ୍ତ୍ରୀ ଯେ ଆମ କରିଲେ ଯୋଜନା
ମାସ୍କ ପିନ୍ଧା, ସଙ୍ଗରୋଧ ସାଥେ ଜୋରିମାନା ।

ଜାଣିଥାଅ ଆମେ ସର୍ବେ ସଚେତନ ହେବା
ବିଶ୍ୱରୁ କରୋନା ରୋଗକୁ ଦୂରେଇ ଦେବା ।

ସଚେତନ ହେବା ପାଇଁ କରିବା ଶପଥ
ତା'ହେଲେ କରୋନା ସିନା ହେବ ପରାହତ । ❒



# କରୋନା ମହାମାରୀ

**ସତ୍ୟଜିତ୍ ଦାସ**
ଇଲେକ୍ଟ୍ରିସିଆନ୍ (୨୦୨୧-୨୦୨୩)

ଏମିତି ସମୟ ମଣିଷ ଦେଖୁଛି, ମରଣ ଯେମିତି ଦୁଆର ଜଗିଛି
କରୋନା ନାମକ ଭୂତାଣୁ ବୁଲୁଛି, ବିଦେଶୁ ଆସିକି ଉତ୍ପାତ କରିଛି ॥

ମଣିଷ ଦେଖିଲେ ଛାନିଆ ଲାଗୁଛି, ସଭିଙ୍କ ମୁହଁରେ ମୁଖା ରହିଅଛି
ଛ'ଫୁଟ ଦୂରରୁ କଥା ତ ହେଉଛୁ, ନାକ ଆଖି ପାଟି ଛୁଇଁ ନ ପାରୁଛୁ ॥

ବାହାରୁ ଆସିଲେ ହାତ ତ ଧୋଉଛୁ, ଆତ୍ମୀୟ ଶବକୁ ଦେଖି ନ ପାରୁଛୁ
ସେନେହ ମମତା ହଜେଇ ଦେଇଛୁ, ନିଜର ବନ୍ଧୁଠୁ ଦୂରେଇ ରହୁଛୁ ॥

ବେଳକୁ-ବେଳ ଯେ ଦୁଃଖ ତ ବଢୁଛି, କରୋନା ଆକ୍ରାନ୍ତେ ଜଗତ କାନ୍ଦୁଛି
ଭଗବାନଙ୍କର ସୁନ୍ଦର ସୃଷ୍ଟିରେ, କାହାର ଯେମିତି ନଜର ଲାଗିଛି ॥ ❒



# ସ୍ମୃତି

ଆଦର୍ଶ ବେହେରା
ଇଲେକ୍‌ଟ୍ରିସିଆନ୍
(୨୦୨୧-୨୦୨୩)



ଅସୁରକ୍ଷିତ ଶବ୍ଦ ମନରେ ରହିଥାଏ
ସ୍ମୃତି ମୋତେ ଛୁଇଁବାକୁ ଫେରି ଆସେ ...
ଜାଗ୍ରତ ରାତି ସକାଳକୁ ଅପେକ୍ଷା କରେ
ଘର ଦୁଆର ବନ୍ଧରେ ଆଖି ଦୁଇଟି
ପହରା ଦେଉଛି ...
ଆଗାମୀ ଦିନଗୁଡ଼ିକ ସମୟର ପ୍ରାଙ୍ଗଣରେ ଅଛି
ମୋର ସ୍ମୃତି ଜହ୍ନର ଜ୍ୟୋତ୍ସ୍ନାରେ ମନେପଡେ ...
ରାତି ପାହିଗଲା ସକାଳ ହେଲା ଆଖିରେ ନିଦ ନାହିଁ
ପେଟର ଭୋକ ମନର ସୁଖ କିଛିରେ ଧ୍ୟାନ ନାହିଁ ...
ମୁଁ ଯେତେଥର ଭାବୁଛି, ଏଥର ତମକୁ ଭୁଲିଯିବି
ତା ପରେ ବି ସ୍ମୃତି ହୋଇ କାହିଁ ଫେରିଆସ ...
ମୋ ନିଦ୍ରାକୁ ବାରମ୍ବାର କର ପ୍ରତିଘାତ
ମୋ ମନକୁ ଦିନ ରାତି କରି ବିଚଳିତ ...
ତମେ କ'ଣ ସ୍ମୃତିରୁ ମୋ କେବେ ହଟିବନି। ❐



# ଜନନୀ

ଅଙ୍କିତ୍ ଜନ୍ମେଞ୍ଜୟ ଜେନା
ଇଲେକ୍‌ଟ୍ରିସିଆନ୍
(୨୦୨୨-୨୦୨୪)

ମା ଲୋ ତୁ ମୋ ଜନନୀ
ମୋ ଜନ୍ମଦାତ୍ରୀ ....
ସବୁ ଦୁଃଖ ଭୁଲିଯାଉ ମୋ ଖୁସି ଟିକେ ଦେଖି
କୋଳେଇ କାଖେଇ ବଡ କଲୁ ମୋତେ
ପୁରା କଲୁ ମୋର ସବୁ ଅଝଟ ଅଳି
କେମିତି ଶୁଝିବି ତୋ ଋଣ ମା' ଲୋ,
ତୋ ଋଣ ପରା ଅପରିମାଣ ...
ପଡିଗଲେ ମୁଁ କୋଳେଇ ନେଉ ତୁ
ଛଳ ଛଳ ଆଖିରେ
ଝାଡି ଦଉ ତୋ ପଣତରେ
ଜାବୁଡି ଧରି ଛାତିରେ ...
ଛୋଟବେଳୁ ମୋତେ ବଡ କରିବା ପାଇଁ
ଜିଇଁଛୁ ଏ ସଂସାର ଯୁଦ୍ଧରେ ...
ସବୁ ଦୁଃଖ ପରେ ବି ଅଣ୍ଟା ଭିଡ଼ି ଛିଡା ହୋଇଛୁ
ମୋତେ ମଣିଷ କରିବା ଲକ୍ଷ୍ୟରେ ...
ମୋତେ ଦୁଃଖରେ ଦେଖି
କୋହରେ ଫାଟିପଡ଼େ ତୋ ଛାତି
ମୋତେ ଖୁସିରେ ଦେଖିବା ପାଇଁ, ଲାଗିଥାଉ ଦିନରାତି ... ❐



# ହାପି ନିୟୁ ଇୟର୍-୨୦୨୩

ଦିଲ୍ଲୀପ ପୃଷ୍ଟି
ଫିଟର୍ (୨୦୨୧-୨୦୨୩)

ଚାଲି ଯାଉଥିବା ପୁରୁଣା ବରଷ
ପଛରୁ ଶୁଭିଲା ଆସ।
ପଛକୁ ଚାହିଁ ଦେଖିଲା ବେଳକୁ
ଆସୁଛି ନୂଆ ବରଷ।

**ଜୀବନର ସାତଟି ସାଙ୍ଗ**

୧) ଦର୍ପଣ- କେବେ ମିଛ କହିବାକୁ ଦେବନି।
୨) ଜ୍ଞାନ- ଭୟଭୀତ ହେବାକୁ ଦେବନି।
୩) ଆଧ୍ୟାତ୍ମ- ମୋହ କରିବାକୁ ଦେବନି।
୪) ପ୍ରେମ- ଇର୍ଷା କରିବାକୁ ଦବନି।
୫) ବିଶ୍ୱାସ- ଦୁଃଖି ହେବାକୁ ଦେବନି।
୬) ସତ୍ୟ - ହାରିବାକୁ ଦେବନି।
୭) କର୍ମ- ଅସଫଳ ହେବାକୁ ଦେବନି।
❐



# ପ୍ରକୃତି କାନ୍ଦୁଛି

**ଅଙ୍କିତ୍ ଜନ୍ମେଞ୍ଜୟ ଜେନା**
ଇଲେକ୍‌ଟ୍ରିସିଆନ୍ (୨୦୨୨-୨୦୨୪)

ପୂର୍ବକାଳରେ କହୁଥିଲେ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ
ହେଲେ ଏବେ ଲାଗୁଛି ସ୍ୱର୍ଗ ଠାରୁ ନର୍କ ବେଶି
ଚାଷୀ ପାରୁ ନାହିଁ ଭୂମି ଆଉ ଚଷୀ
